

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୫୮ ● ୫ ଜୁଲାଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-158 ● 5th July 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ଲୋକସେବା ଭବନରୁ ବିଧିବଦ୍ଧ କାର୍ଯ୍ୟାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଆ ଭାଷାରେ ନଥି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରି ବିଧିବଦ୍ଧ ଭାବେ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ଲୋକସେବା ଭବନରେ ପହଞ୍ଚିବା ପରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀଗଣ, ମୁଖ୍ୟଶାସନ ସଚିବଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀମାନେ ପାଛୋଟି ନେଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ରାଜ୍ୟ ଅତିଥି ଭବନଠାର ଅସ୍ଥାୟୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ।



ଗୁରୁବାର ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନକୁ ପ୍ରବେଶ କରିଥିଲେ ଏବଂ ଓସ୍ୱାସ ଜରିଆରେ ଫାଇଲ କାମ କରିଥିଲେ। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କ ସହିତ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତେ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ପାଖରେ ଉପସ୍ଥାପିତ ସମସ୍ତ ନଥି ଓଡ଼ିଆରେ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଓଡିଶାର ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରକାଶ କରିବା ସହିତ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା, ଅଭିବୃଦ୍ଧି, ସଂରକ୍ଷଣ ଓ ପ୍ରସାରକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ତିନୋଟି ଏକାଡେମୀ ଯଥା ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତ କଳା ଏକାଡେମୀର ପୁନର୍ଗଠନ କରାଯିବା ସହ ଏହାର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଓଡ଼ିଶୀ ଗବେଷଣା କେନ୍ଦ୍ରକୁ କ୍ରିୟାଶୀଳ କରାଯିବ। ଓଡ଼ିଆ ଅସ୍ମିତା (ପୃଷ୍ଠା ୭ରେ)

## ଟ୍ୱିନ୍ ସିଟିର କୃତ୍ରିମ ବନ୍ୟା ପରିଚାଳନା ପାଇଁ ଆଇଆଇଟିର ସହାୟତା ନିଆଯିବ



ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୪ରେ ଅଧ୍ୟକ୍ଷତା କରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରିବା ସହ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି କିପରି ହ୍ରାସ କରାଯାଇ ପାରିବ ସେଥିପ୍ରତି ସମସ୍ତ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଥିବା ଦୁର୍ବଳ ନଦୀବନ୍ଧ ଏବଂ ଅତୀତରେ ସୃଷ୍ଟି ହୋଇଥିବା ଘାଇକୁ ତୁରନ୍ତ ମରାମତି ପାଇଁ ଜଳସେଚନ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରବଳ ବର୍ଷା ଯୋଗୁଁ ସହରାଞ୍ଚଳରେ ବନ୍ୟା ସୃଷ୍ଟି ହୋଇଥିବାରୁ ନଗର ଉନ୍ନୟନ ବିଭାଗ ପୌରାଞ୍ଚଳରେ ଥିବା ଡ୍ରେନ ଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଭୁବନେଶ୍ୱର ମହାନଗର ନିଗମ ସହରାଞ୍ଚଳ ବନ୍ୟା ପରିଚାଳନା ନିମନ୍ତେ ୨୦୦ କୋଟି ଟଙ୍କାର ଏକ ପ୍ରସ୍ତାବ ପ୍ରସ୍ତୁତ କରି ଯଥାଶୀଘ୍ର ପ୍ରଦାନ କରିବେ। ଏହା ସହିତ କଟକ, ଭୁବନେଶ୍ୱର ଓ ଅନ୍ୟ ସହରାଞ୍ଚଳରେ ବନ୍ୟା ପରିଚାଳନା ନିମନ୍ତେ ଆଇଆଇଟି ଦିଲ୍ଲୀର ବୈଷୟିକ ସହାୟତାରେ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟ, ଜିଲ୍ଲା ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟରେ ୨୪ ଘଣ୍ଟା କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ । ସାଧାରଣତଃ ବର୍ଷା ଦିନେ ସାପକାମୁଡାର ଅଧିକ ସମ୍ଭାବନା ରହିଥିବା ହେତୁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡା ଇଞ୍ଜେକ୍ସନ (ଆଣ୍ଟି ସ୍ନେକ ଭେନମ୍) ଗଚ୍ଛିତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। (ପୃଷ୍ଠା ୭ରେ)

## ସେବିକୁ ସତର୍କ କରାଇଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୪।୭

ଗଲା କିଛି ଦିନ ହେବ ଭାରତୀୟ ସେୟାର ବଜାରରେ ଉତ୍ସାହ ଲାଗି ରହିଥିଲା ବେଳେ ସେନସେକ୍ସ ପ୍ରଥମ ଥର ପାଇଁ ୮୦ ହଜାର ପଏଣ୍ଟ ଅତିକ୍ରମ କରିଛି। ନିଫ୍ଟି ୫୦ ମଧ୍ୟ ଐତିହାସିକ ୨୪,୦୦୦ ପଏଣ୍ଟ ଅତିକ୍ରମ କରିଛି। ଏହାରି ମଧ୍ୟରେ ଭାରତର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ସେବିକୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

ନୂତନ ସିକ୍ୟୁରିଟି ଏପିଲେଟ ଟ୍ରିବ୍ୟୁନାଲ(ଏସଏଟି) ପରିସରକୁ ଉଦ୍‌ଘାଟନ କରି ପ୍ରଧାନ ବିଚାରପତି ଅଧିକ ପରିମାଣର କାରବାର ଏବଂ ନୂତନ ନିୟମାବଳୀ ହେତୁ ଅଧିକ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଏସଏଟିର ନୂତନ ବେଞ୍ଚ ଖୋଲିବାକୁ ଅଧିକାରୀଙ୍କ ଉପରେ ବିଚାର କରିଥିଲେ।

ବମ୍ବେ ଷ୍ଟକ ସେନସେକ୍ସ ପ୍ରଥମ ଥର ପାଇଁ ୮୦ ହଜାର ପଏଣ୍ଟ ଅତିକ୍ରମ କରିବା ଖବରକୁ ଉଲ୍ଲେଖ କରି ସେ କହିଛନ୍ତି ଯେଉଁଠାରେ ଭାରତ ଏକ ଷ୍ଟ୍ରାଟୋସଫେରିକ ଡୋମେନ ପ୍ରବେଶ କରୁଛି ଏପରି ସ୍ଥଳେ ନିୟାମକ କର୍ତ୍ତୃପକ୍ଷଙ୍କ ଆବଶ୍ୟକ ସତର୍କତା ଉପରେ ଗୁରୁତ୍ୱାରୋପ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## କୌଣସି ପ୍ରକାର ଆତଙ୍କବାଦ ଓ ଏହାର ରୂପରେଖ ଅକ୍ଷମଣୀୟ

ନୂଆଦିଲ୍ଲୀ, ୪।୭

କୌଣସି ପ୍ରକାର ଆତଙ୍କବାଦ କିମ୍ବା ଏହାର ରୂପକୁ ଯୁକ୍ତିଯୁକ୍ତ ବୋଲି ପ୍ରମାଣ କରାଯାଇ ପାରିବ ନାହିଁ କିମ୍ବା କ୍ଷମା କରାଯାଇପାରିବ ନାହିଁ । ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା, ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଉଥିବା ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶଗୁଡ଼ିକୁ ଅନ୍ତର୍ଜାତୀୟ ସମୁଦାୟ ଅଲଗା କରି ଲୋକଲୋଚନକୁ ଆଣିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।




କାଜାଖସ୍ତାନର ଅସ୍ତାନାଠାରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ ଜୟଶଙ୍କର ଯୋଗ ଦେଇଥିଲେ। ଆତଙ୍କବାଦର ମୁକାବିଲାକୁ ପ୍ରାଥମିକତା ଦିଆଯିବା ଦରକାର ଯାହା ଏସସିଓର ମୂଳ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ସୀମାପାର ଆତଙ୍କବାଦକୁ ନିର୍ଣ୍ଣାୟକ ଜବାବ ଦେବାର ଆବଶ୍ୟକତା ରହିଛି ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣକୁ ଦୃଢ଼ତାର ସହ ମୁକାବିଲା କରାଯିବା ଆବଶ୍ୟକ। ଯୁବକମାନଙ୍କ ମଧ୍ୟରେ ଉଗ୍ରବାଦର ପ୍ରସାରକୁ ରୋକିବା ପାଇଁ ସକ୍ରିୟ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ମୋଦି କହିଛନ୍ତି ଯେ ଏସସିଓ ଏକ ନୀତି ଭିତ୍ତିକ ସଂଗଠନ, (ପୃଷ୍ଠା ୭ରେ)

## ରଥଯାତ୍ରା ପ୍ରସ୍ତୁତି: ସମୀକ୍ଷା କଲେ ଡିଜିପି, ବଡ଼ଦାଣ୍ଡରେ ମକଡ୍ରିଲ

ପୁରୀ, ୪।୭
ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁଙ୍କ ଘୋଷଯାତ୍ରା-୨୦୨୪ ପାଇଁ ଗୁରୁବାର ଅପରାହ୍ନରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ପୁରୀରେ ସମୀକ୍ଷା ବୈଠକ କରିଛନ୍ତି । ପୌର ସଦନଠାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରଥଯାତ୍ରା ପାଇଁ ଶାନ୍ତିଶୃଙ୍ଖଳା ଓ କଡ଼ାସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଚଳିତ ଥର ରଥଯାତ୍ରାରେ ୧୮୦ ପ୍ଲାଟୁନ ପୁଲିସ ମୁତୟନ ହେବେ। ସେହିପରି ରଥଯାତ୍ରା ଉପରେ ପ୍ରାୟ ୫୦୦ ପୁଲିସ ଅଧିକାରୀ ନଜର ରଖିବେ।

ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା ପାଇଁ ମକଡ୍ରିଲ ଅନୁଷ୍ଠିତ ହୋଇଛି । ଗୁରୁବାର ପୁରୀରେ ଅଗ୍ନିଶମ, ଏନଡିଆରଏଫ ଏବଂ




ଓଡ୍ରାଫ ପକ୍ଷରୁ ମକଡ୍ରିଲ କରାଯାଇଛି । କୌଣସି ପ୍ରକାରର ଅଘଟଣ ଘଟିଲେ ତା'ର କିପରି ମୁକାବିଲା କରାଯିବ ସେନେଇ ଅଭ୍ୟାସ କରାଯାଇଛି । ରଥଯାତ୍ରା ସମୟରେ ବଡ଼ ଦାଣ୍ଡରେ ଯଦି କୌଣସି ଭକ୍ତ ଅସୁସ୍ଥ ହୋଇପଡନ୍ତି ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ଏବଂ ଗ୍ରୀନ କରିଡର କରି କିଭଳି ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ପହଞ୍ଚାଇବା ତାକୁ ନେଇ ମକଡ୍ରିଲ କରାଯାଇଛି।

ଭକ୍ତଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରଥଯାତ୍ରା ସମୟରେ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ କିଭଳି ସମନ୍ୱୟ ରଖି କାର୍ଯ୍ୟ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି ଜିଲ୍ଲାପାଳ। ଗୁରୁବାର ବଡ଼ ଦାଣ୍ଡରେ ଅଗ୍ନିଶମ, ଏନଡିଆରଏଫ, ଓଡ୍ରାଫ, ମେଡିକାଲ, ପୁଲିସ, ପରିବହନ, ଆମ୍ବୁଲାନ୍ସ, ପୂର୍ତ୍ତ ବିଭାଗ, ପୌର ପ୍ରଶାସନ ଆଦି ବିଭାଗ ପକ୍ଷରୁ ସମ୍ମିଳିତ ମକଡ୍ରିଲ କରାଯାଇଛି, ଯାହାର ସମୀକ୍ଷା କରିଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ।

## ଜୁଲାଇ ୮ରେ ଖୋଲିବନି ରତ୍ନଭଣ୍ଡାର

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ରତ୍ନଭଣ୍ଡାର ଖୋଲିବା ନେଇ ଜଗନ୍ନାଥପ୍ରେମୀ ଓ ଓଡ଼ିଶାବାସୀ ଅପେକ୍ଷାରତ ଅଛନ୍ତି । ମାତ୍ର ମହାପ୍ରଭୁଙ୍କ ଏହି ଦିବ୍ୟ ଭଣ୍ଡାର କେବେ ଖୋଲିବ ସେନେଇ ଦିନ ନିର୍ଦ୍ଧାରଣ ହୋଇପାରି ନାହିଁ । କିନ୍ତୁ ଏନେଇ ଯେଉଁଦିନ ସରକାର ନିଷ୍ପତ୍ତି ନେବେ ସେହିଦିନ ହିଁ ଖୋଲିବ। ରତ୍ନଭଣ୍ଡାର ଖୋଲାଯିବା ପରେ ଏହାର ଗଣତି କାର୍ଯ୍ୟ ହେବ। ରଥଯାତ୍ରା କାରଣରୁ ୮ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ସମ୍ଭାବନା କମ୍ । ଭୁବନେଶ୍ୱରରେ ପହଞ୍ଚିବା ପରେ ଏନେଇ ସୂଚନା ଦେଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଶ୍ରୀମନ୍ଦିର ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ଅରିଜିତ ପଶାୟତ।



ଶୁକ୍ରବାର ରତ୍ନଭଣ୍ଡାର କମିଟି ପକ୍ଷରୁ ବସିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହେବାକୁ ଅରିଜିତ ପଶାୟତ ଓଡ଼ିଶା ଗସ୍ତରେ ଆସିଛନ୍ତି । ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି । ଜୁଲାଇ ୨୮ ତାରିଖ ଯାଏ ଓଡ଼ିଶା ଗସ୍ତରେ ଆସିଛନ୍ତି ଅରିଜିତ ପଶାୟତ। ଜୁଲାଇ ୮ରୁ ୨୭ ମଧ୍ୟରେ ରତ୍ନଭଣ୍ଡାରର ଗଣତି ମଣତି କାମ ନେଇ ସୂଚନା ରହିଛି।

## ପୁଣି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେଲେ ହେମନ୍ତ ସୋରେନ

ରାଞ୍ଚି, ୪।୭

ପୁଣିଥରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ହେମନ୍ତ ସୋରେନ। ଗୁରୁବାର ସେ ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଅପରାହ୍ନରେ ରାଜ୍ୟପାଳ ସି.ପି ରାଧାକ୍ରିଷ୍ଣନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ହେମନ୍ତ ସୋରେନ ନିକଟରେ ଜେଲରୁ ଜାମିନରୁ ବାହାରିଛନ୍ତି । ଜାନୁଆରୀ ୩୧ରେ ତାଙ୍କୁ ଜମି ଦୁର୍ନୀତି ମାମଲାରେ ଇଡି ଗିରଫ କରିବା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଜେଏମଏମର ବରିଷ୍ଠ ନେତା ଚମ୍ପାଇ ସୋରେନ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ୫ ମାସ ପରେ ହେମନ୍ତ ଜେଲରୁ ମୁକୁଳିବାରୁ ଚମ୍ପାଇ ବୁଧବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଗୁରୁବାର ହେମନ୍ତ ସୋରେନ ପୁଣି



ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ଝାଡ଼ଖଣ୍ଡର ୧୨ତମ ମୁଖ୍ୟମନ୍ତ୍ରୀ ଭାବେ ଫେବୃଆରୀ ୨ରେ ଶପଥ ନେଇଥିବା ଚମ୍ପାଇ ସୋରେନ ବୁଧବାର ଇସ୍ତଫା ଦେଇଥିଲେ। ଏହାପରେ ହେମନ୍ତ ସୋରେନ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ତାଙ୍କ ପାଖରେ ସରକାର ଗଠନ ପାଇଁ ଆବଶ୍ୟକ ବିଧାୟକ ଥିବାରୁ ରାଜ୍ୟପାଳ ରାଧାକ୍ରିଷ୍ଣନ ତାଙ୍କୁ ଗୁରୁବାର ମୁଖ୍ୟମନ୍ତ୍ରୀ ପଦରେ ଶପଥ ପାଠ କରାଇଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିବାରୁ ହେମନ୍ତ ଗୁରୁବାର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କିନ୍ତୁ ଇଡି ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଜଣାପଡ଼ିଛି।

ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଚମ୍ପାଇ ସୋରେନଙ୍କ କ୍ୟାବିନେଟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏବେ ୧୦ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଜେଏମଏମର ୨୭ ଜଣ ବିଧାୟକ ଥିବା ବେଳେ ମେଣ୍ଟରେ ଥିବା କଂଗ୍ରେସ ପାଖରେ ୧୭ ଓ ଆରଜେଡିର ଜଣେ ବିଧାୟକ ରହିଛନ୍ତି। ଜେଏମଏମର ୨ ଜଣ ବିଧାୟକ ଏବେ ଲୋକସଭା ସାଂସଦ ହୋଇଯାଇଛନ୍ତି। ସେହିପରି ବିଧାୟକ ସୀତା ସୋରେନ ଜେଏମଏମ ଛାଡ଼ି ବିଜେପିରେ ମିଶି ଲୋକସଭା ନିର୍ବାଚନ ଲଢିଥିଲେ। ଏହାବାଦ ୨ ଜଣ ବିଧାୟକଙ୍କୁ (ପୃଷ୍ଠା ୭ରେ)

## ସିକ୍କିମ ପରିସ୍ଥିତି ଗମ୍ଭୀର, ରିଲିଫ କାର୍ଯ୍ୟରେ ସେନା ସାମିଲ



ଗୌହାଟୀ, ୪।୭

ଜୁନ ମାସ ୨୯ ତାରିଖରୁ ଲଗାଣ ବର୍ଷାରେ ଗୁରୁତର ଭାବେ ପ୍ରଭାବିତ ଆସାମର ଧେମାଜୀ ଜିଲ୍ଲାର ଶିବଗୁଡି ଏବଂ ଅରୁଣାଚଳ ପ୍ରଦେଶର ପୂର୍ବ ସିଆଙ୍ଗ ଜିଲ୍ଲାର ମେର ଗ୍ରାମରେ ବ୍ୟାପକ ବନ୍ୟା ରିଲିଫ ଅଭିଯାନରେ ଭାରତୀୟ ସେନା ସକ୍ରିୟ ଭାବେ ସାମିଲ ହୋଇଛି । ଭାରତୀୟ ସେନା ପ୍ରଭାବିତ ଅଞ୍ଚଳରେ ଏକାଧିକ ବନ୍ୟା ରିଲିଫ ଦଳ ମୁତୟନ କରିଥିବା ବେଳେ ରାଜ୍ୟ ବିପର୍ଯ୍ୟୟ ନିୟନ୍ତ୍ରଣ ବାହିନୀ (ଏସଡିଆରଏଫ) ସହ ମିଶି ଶିବଗୁଡ଼ି, (ପୃଷ୍ଠା ୭ରେ)

## ଏକାଳ ସେକାଳ



ମାସେ ଭିତରେ ଗୋଟି ଗୋଟି କରି
ଧରାପଡିଲେଣି କେତେ
ରଙ୍ଗରସରେ ବୁଡି ରହି ସବୁ
ପାପ କରିଥିଲେ ଯେତେ
ଫାଶେ ଆହୁରି ପଡିବେ ସତେ
ଅନ୍ୟ ଦଳଟାରେ ଭୁଶୁଡେ ଛାତ
ସଭାପତିଙ୍କୁ ମାରନ୍ତି ନାତେ ।

## ସାମ୍ନାକୁ ଆସିଲା ୪,୫୦୦ ବର୍ଷ ତଳର ସହର, ପଡ଼ିରହିଛି ୩ ଶହ ମୃତଦେହ



ନୂଆଦିଲ୍ଲୀ, ୪।୭

ଇତିହାସରେ ଏମିତି କିଛି ଘଟଣା ରହିଛି, ଯାହା ସମୟ ସହିତ ଅଦୃଶ୍ୟ ହୋଇଯାଇଛି । କିନ୍ତୁ ବେଳେ ବେଳେ ହଜାର ହଜାର ଘଟଣା ସାମ୍ନାକୁ ମଧ୍ୟ ଆସିଥାଏ, ଯାହାକି ଆମକୁ ଚକିତ କରିଦିଏ । ଏପରି ଏକ ଘଟଣା ଏବେ ଇଜିପ୍ଟରେ ଦେଖିବାକୁ ମିଳିଛି । ମାଟିତଳୁ ଏକ ମୃତଦେହର ସହର ଲୋକଲୋଚନକୁ ଆସିଛି । ଏହି ସହରରୁ ୩୦୦ରୁ ଅଧିକ ସାମାଧି ମିଳିଛି , ଯାହାକି ୨ ଲକ୍ଷ ୭୦ ହଜାର ଫୁଟ ଅଞ୍ଚଳରେ ରହିଛି । ଏହି ସହରର ନାମ ଉସ୍ୱାନ ବୋଲି ଜଣାପଡ଼ିଛି।

ପ୍ରତିଷ୍ଠିତ ଗଣମାଧ୍ୟମ ଡେଲି ମେଲ ଅନୁଯାୟୀ ଉସ୍ୱାନ ସହର ଏକ ବାଣିଜ୍ୟ ଏବଂ ସାମରିକ କ୍ଷେତ୍ର ଥିଲା, ଯାହା ଅତି କମରେ ୪,୫୦୦ ବର୍ଷ ପୂର୍ବେ କାରବାରର ପେଣ୍ଠସ୍ଥଳୀ ଥିଲା। ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହି ରହସ୍ୟମୟ ସହର ବିଷୟରେ ଅଧିକ ଜାଣନ୍ତି ନାହିଁ। ତେବେ କୁହାଯାଉଛି ଯେ ପ୍ରାୟ ୯ ଶହ ବର୍ଷ ପୂର୍ବେ ଏହି ସମାଧିଗୁଡ଼ିକ ପୁନଃବ୍ୟବହାର କରାଯାଇଥିଲା।

## ଦାରିଦ୍ର୍ୟ ହାର ୮.୫%କୁ ହ୍ରାସ

ନୂଆଦିଲ୍ଲୀ, ୪।୭

କୋଭିଡ୍ ମହାମାରୀ ସତ୍ତ୍ୱେ ୨୦୨୨-୨୪ରେ ଭାରତର ଦାରିଦ୍ର୍ୟ ହାର ୮.୫ ପ୍ରତିଶତକୁ ଖସିଆସିଛି। ୨୦୨୧-୨୨ରେ ଏହି ହାର ୨୧.୨ ପ୍ରତିଶତ ଭଳି ଉଚ୍ଚସ୍ତରରେ ଥିଲା ବୋଲି ନ୍ୟାସନାଲ କାଉନ୍‌ସିଲ୍ ଫର ଆପଲାଏଡ ଇକୋନୋମିକ୍ ରିସର୍ଚ୍ଚର ଏକ ରିପୋର୍ଟରୁ ଜଣାପଡିଛି। ଭାରତୀୟ ମାନବ ବିକାଶ ସର୍ଭେକ୍ଷଣର ତଥ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ୨୦୧୧-୧୨ ଭିତରେ ଦାରିଦ୍ର୍ୟ ହାର ୩୮.୬ ପ୍ରତିଶତରୁ ୨୧.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଏହା ପରେ ୨୦୧୧-୧୨ରୁ ୨୦୨୨-୨୪ ଭିତରେ ତାହା ୮.୫ ପ୍ରତିଶତକୁ ଖସି ଆସିଛି। ସମାଜରେ ଘଟିଥିବା ଏହି ପରିବର୍ତ୍ତନ ସହ ତାଳ ଦେଇ ସାମାଜିକ ସୁରକ୍ଷା ବ୍ୟବସ୍ଥା ଦୃଢ କରିବାକୁ ରିପୋର୍ଟରେ ଆହ୍ୱାନ ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢିବା ସମୟରେ ଅଧିକ ସୁଯୋଗ ସୃଷ୍ଟି ହୁଏ। କିନ୍ତୁ ମଣିଷର ଜୀବନ ସହିତ ଜଡିତ ବିଭିନ୍ନ ଘଟଣା ଓ ଦୁର୍ଘଟଣା ତଥା ପ୍ରାକୃତିକ ବିପର୍ଯ୍ୟୟ ଅସୁସ୍ଥତା ଓ ମୃତ୍ୟୁ ବୃତ୍ତି ପରିବର୍ତ୍ତନ ଭିତ୍ତିକ ସୁଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। କିଛି ଦିନ ପୂର୍ବେ ନୀତି ଆୟୋଗ ସିଇଓ ବି.ଭି.ଆର ସୁବ୍ରମଣ୍ୟମ କହିଥିଲେ ଯେ, ଭାରତରେ ଦାରିଦ୍ର୍ୟ ହାର ୫ ପ୍ରତିଶତକୁ ହ୍ରାସ ପାଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ (ପୃଷ୍ଠା ୭ରେ)





# ସ୍ମାର୍ଟ ସିଟି ଭୁବନେଶ୍ୱର:ସମନ୍ୱୟ ଅଭାବରୁ ଚାଲିଛି ଖୋଳା ପୋତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ମାର୍ଟସିଟି ଭୁବନେଶ୍ୱରର ବିକଳ ଚିତ୍ର ଲୋକଙ୍କୁ ଅଡୁଆରେ ପକାଉଛି । 'ସ୍ମାର୍ଟସିଟି' ମାନ୍ୟତା ପାଇବା ପରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ବର୍ଷତମାମ ସ୍ୱେରେଜ, ରାସ୍ତା, ନାଳ, କେବୁଲ ବିଛା, ୨୪ ଘଣ୍ଟିଆ ପାନୀୟ ଜଳ, ଭୂତଳ ବିଦ୍ୟୁତ୍ ବ୍ୟବସ୍ଥା, ଭୂତଳ ଟେଲିଫୋନ୍ ବ୍ୟବସ୍ଥା ଆଦି କାର୍ଯ୍ୟ ଚାଲିଛି । ଏଭଳି ଅଭିଯୋଗ ଆସିଛି ସହିଦନଗର ଅଞ୍ଚଳରୁ। ସେଠାରେ ବର୍ଷତମାମ କାର୍ଯ୍ୟ ପାଇଁ ଖୋଳାପୋତା ଚାଲିଥିବା ବେଳେ ଶେଷ ହେବାର ନାଁ ଧରୁନି । ବର୍ଷାଋତୁ ଆସିସାରିଥିବା ବେଳେ ଏବେ ମଧ୍ୟ ବିଭିନ୍ନ କାର୍ଯ୍ୟ ଜାରି ରହିଛି । ଫଳରେ ନାଳରେ ବର୍ଷାଜଳ ନିଷ୍କାସିତ ହୋଇନପାରି ଘର ଭିତରେ ପଶୁଛି । ସହିଦନଗର ମହର୍ଷି କଲେଜ ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ସ୍ଥାନୀୟ ବାସିନ୍ଦାଙ୍କୁ ଅତିଷ୍ଠ କରୁଛି । କେତେବେଳେ କେଉଁ ବିଭାଗ କି କାର୍ଯ୍ୟ କରୁଛନ୍ତି, କେବେ ଶେଷ ହେବ ତା'ର ହିସାବ କାହା ପାଖରେ ନାହିଁ । ଲୋକଙ୍କ କହିବା କଥା, ପାଇପ୍ ଲାଇନ୍ ହେଉ କିମ୍ବା ବିଜୁଳି କେବୁଲ୍ କାମ ନାଁରେ ରାସ୍ତାକୁ ଖୋଳାଯାଉଛି । କାମ ସରିବାପରେ ସଠିକ୍ ମରାମତି ନକରି ଦାୟିତ୍ୱରେ ଥିବା ସଂସ୍ଥା ଛାଡ଼ି ଚାଲିଯାଉଛନ୍ତି । ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଯନ୍ତ୍ରଣା ଭୋଗିବାକୁ ପଡୁଛି । କିଛିଦିନ



ପୂର୍ବରୁ ଏକ କେବୁଲ କମ୍ପାନୀ ରାସ୍ତା ଖୋଳି ଦେଇଛି । ଯେଉଁଥିପାଇଁ ପ୍ରତ୍ୟେକ ନାଳଗୁଡ଼ିକରେ ମାଟି ପଡ଼ି ବନ୍ଦ ହୋଇଛି । ଗତ ବୁଧବାର ବର୍ଷା ଜଳ ନାଳରେ ନଯାଇ ବିଭିନ୍ନ ଲୋକଙ୍କ ଘରେ ପଶିଯାଇଥିଲା । ସହିଦନଗର ପ୍ଲଟ୍ ନଂ- ୬୨୫, ୬୨୬, ୭୬୦, ୭୬୧, ୭୬୨ ଏବଂ ୭୬୩ ଘରେ ବର୍ଷାଜଳ ପଶିବାରୁ ଲୋକେ ରୋଷେଇ କରିପାରିନଥିଲେ । ଏହି କାର୍ଯ୍ୟ ଚାଲିଥିବାରୁ ରାସ୍ତାରେ ସଦାସର୍ବଦା ଟ୍ରାଫିକ୍ ଜାମ୍ ମଧ୍ୟ ହେଉଛି । ବିଏମ୍‌ସି ଓ ପୂର୍ତ୍ତ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ଓପିଟିସିଏଲ୍ ପକ୍ଷରୁ ପାଇପ୍ ବିଛା କାର୍ଯ୍ୟ ଚାଲିଛି । ଅନ୍ୟପକ୍ଷେ ଏଠାରେ ଉପୁଜିଥିବା ସମସ୍ୟା ପାଇଁ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ ଅଣ୍ଟା ଭିଡିଛନ୍ତି । ସେ ବିଭାଗୀୟ ଯନ୍ତ୍ରୀ, ବିଏମ୍‌ସି ଡ୍ରେନେଜ୍ ବିଭାଗକୁ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳିନଥିବା କହିଛନ୍ତି । ଓପିଟିସିଏଲର ଯନ୍ତ୍ରୀ ସୁଖପାଲ ସିଂ କହିଛନ୍ତି, ସବୁ କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି । କାର୍ଯ୍ୟ ଶେଷ ହେଲେ ସଠିକ୍ ଭାବେ ମରାମତି କରାଯିବ ।

## ଡଃ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହେଲେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି

**କଟକ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡଃ ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି । ୨୦୨୩ ଅକ୍ଟୋବର ୪ ତାରିଖରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଭାଶିଷ ତାଳପତ୍ରଙ୍କ ଅବସର ପରେ ଡଃ ଜଷ୍ଟିସ୍ ଷଡ଼ଙ୍ଗୀ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ । ଗତବର୍ଷ ଡିସେମ୍ବର ୨୭ରେ ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ଷଡ଼ଙ୍ଗୀଙ୍କ ମୁଖ୍ୟ ବିଚାରପତି ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରିଥିଲେ । କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘାଲ ଜଷ୍ଟିସ୍ ଷଡ଼ଙ୍ଗୀଙ୍କ ନିଯୁକ୍ତି ବିଷୟ ନେଇ ଟ୍ୱିଟରରେ ପୋଷ୍ଟ କରିଛନ୍ତି । ୧୯୬୨ ମସିହା ଜୁଲାଇ ୨୦ରେ ନୟାଗଡ଼ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ଷଡଙ୍ଗୀ ବିଜେବି କଲେଜରୁ ବାଣିଜ୍ୟରେ ଅନର୍ସର ସ୍ନାତକ କରିଥିଲେ । ପରେ ସେ କଟକ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରୁ ଏଲଏଲବି ଓ ଏଲଏଲଏମ ଶିକ୍ଷା ହାସଲ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚଡ଼ି ଡିଗ୍ରୀ ହାସଲ କରିଥିଲେ । ୧୯୮୫ ମସିହା ଡିସେମ୍ବରରେ ଡଃ ଜଷ୍ଟିସ୍ ଷଡ଼ଙ୍ଗୀ ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୩ ଜୁନ୍ ୨୦ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତ ହୋଇଥିଲେ । ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଡଃ ଜଷ୍ଟିସ୍ ଷଡ଼ଙ୍ଗୀ ୧ ଲକ୍ଷ ୫୨ ହଜାରଟି ମାମଲାର ବିଚାର କରିଥିବା ବେଳେ ୧ ହଜାର ୫୦୦ଟି ମାମଲାର ରାୟ ଶୁଣାଇଥିବା ଜଣାପଡିଛି ।

## ଭୁଲ୍ ଇଞ୍ଜେକ୍‌ସନ୍ ନେଇ ବାଳକର ଜୀବନ ଗଲା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମଙ୍ଗଳାବାଗ ଥାନା ଅଞ୍ଚଳରେ ଅଭାବନୀୟ ଘଟଣା । ଭୁଲ୍ ଇଞ୍ଜେକ୍‌ସନ୍‌ରୁ ଜଣେ ନାବାଳକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଯାଜପୁର ଅଞ୍ଚଳର ରଶ୍ମିରଞ୍ଜନ ମଲ୍ଲିକ ବେକରେ ଅପରେସନ୍ ପାଇଁ ମଙ୍ଗଳାବାଗ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଅପରେସନ୍ ପୂର୍ବରୁ ଇଞ୍ଜେକସନ୍ ଦେବାପରେ ଗୁରୁତର ହୋଇପଡିଥିଲେ ରଶ୍ମିରଞ୍ଜନ । ସଙ୍ଗେ ସଙ୍ଗେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ ।



ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୁଲ୍ ଇଞ୍ଜେକ୍‌ସନ୍ ପାଇଁ ପୁଅର ମୃତ୍ୟୁ ହୋଇଥିବା ସଂଗୀନ ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକ । ଏହି ଘଟଣାକୁ ନେଇ ହସ୍‌ପିଟାଲ୍ ପରିସରରେ ଉତ୍ତେଜନା ଦେଖାଦେଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

## ରାଜଧାନୀରେ ୪୭ ଡେଙ୍ଗୁ ରୋଗୀ ଚିହ୍ନଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ବଢିଲାଣି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଜାନୁଆରୀ ମାସରୁ ଜୁନ୍ ମାସ ସୁଦ୍ଧା ବିଏମ୍‌ସି ଅଞ୍ଚଳରୁ ୪୭ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ମୋଟ୍ ୪୬ ଜଣଙ୍କ ଘରୁ ଏହି ୪୭ ରୋଗୀ ଚିହ୍ନଟ ହୋଇଛନ୍ତି । ସମସ୍ତ ୪୬ ଜଣଙ୍କ ଘରୁ ଡେଙ୍ଗୁ ମଶାର ଲାର୍ଭା ମିଳିଥିବା ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ମିଳିଥିବା ସୂଚନା ମୁତାବକ, ପଟିଆରେ ସର୍ବାଧିକ ୫ ମାମଲା ୩ଟି ଥିବାବେଳେ ବୁଦ୍ଧବିହାର ଓ ବମିଖାଲରେ ୪ଟି ୪ଟିରୁ ଲେଖାଏଁ ମାମଲା ମିଳିଛି । ସେହିପରି ବଡ଼ଗଡ ଏବଂ ଜୟଦେବ ବିହାର ଅଞ୍ଚଳରେ ୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଢୁଥିବା ଡେଙ୍ଗୁ ରୋଗକୁ ଦୃଷ୍ଟିରେ ରଖି ଡେଙ୍ଗୁ ବିରୋଧ ଲଢେଇକୁ ବ୍ୟାପକ କରାଯାଇଛି । ସଚେତନତାକୁ ବ୍ୟାପକ କରାଯାଉଛି । ସହରରେ ଏବେ ଦୈନିକ ୧୫ ଲିଟର ମଶା ତେଲ ସିଞ୍ଚନ କରାଯାଉଛି । ସେହିପରି ସ୍କୁଲରେ ପିଲାଙ୍କୁ ଡେଙ୍ଗୁ ପ୍ରତିହତ ଓ ଘରେ କିପରି ପାଣି ନଜମିବାକୁ ଦେବେ ସେନେଇ ସଚେତନ କରାଯାଉଛି । ପିଲା ଶିଖିଲେ ପରିବାର ଶିଖିବେ



ବୋଲି ବିଏମ୍‌ସି ବିଶ୍ୱାସ ରଖୁଛି । ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଥିବାବେଳେ ଡେଙ୍ଗୁ ମଶା ଚିନ୍ତା ବଢାଇଛି । ଜାନୁଆରୀରୁ ମେ ମାସ ଯାଏଁ ଭୁବନେଶ୍ୱରରୁ କିଛି ମୋଟ ୨୨ ମାମଲା ସାମ୍ନାକୁ ଆସିଥିବାବେଳେ ଖାଲି ଜୁନ୍‌ରେ ଏହି ସଂଖ୍ୟା ୨୫ରେ ପହଞ୍ଚିଛି । ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ ଜାନୁଆରୀରେ ଭୁବନେଶ୍ୱରରୁ ମାତ୍ର ଗୋଟିଏ ମାମଲା ସାମ୍ନାକୁ ଆସିଥିବାବେଳେ ଫେବୃଆରୀରେ ଜମାରୁ ମାମଲା ସାମ୍ନାକୁ ଆସିନାହିଁ । ସେହିପରି ମାର୍ଚ୍ଚରେ ଗୋଟିଏ ମାମଲା ଥିବାବେଳେ ଏପ୍ରିଲରେ ୧୧ ଓ ମେ ମାସରେ ୯ ଏବଂ ଜୁନ୍‌ରେ ୨୫ ମାମଲା ସାମ୍ନାକୁ ଆସିଛି । ଜୁନ୍‌ରୁ ବର୍ଷା ଆରମ୍ଭ ହୋଇଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ମାସରେ ବର୍ଷା ଅଧିକ ହେବ । ଏଥିଯୋଗୁଁ ଏହି ୨ଟି ମାସ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କହିଛନ୍ତି । ଏହା ମଧ୍ୟରେ ଜୁଲାଇ ମାସ ଆରମ୍ଭ ହୋଇଗଲାଣି । ଏହି ମାସରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି । ସେହିପରି ଭୁବନେଶ୍ୱରରେ ୮ ହଜାର ଲୋକଙ୍କ ଡେଙ୍ଗୁ ପରୀକ୍ଷା ହୋଇଛି । ଏହା ସହ ୫ ହଜାର ଲୋକଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟକର୍ମୀମାନେ ଯାଞ୍ଚ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ ମସିହାରେ ବିଏମ୍‌ସି ଅଞ୍ଚଳରେ ୪୨୫୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ସେହିପରି ୨୦୨୨ରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୩୪୬୪, ୨୦୨୧ରେ ୩୮୫୧ ଏବଂ ୨୦୨୦ ମସିହାରେ ମାତ୍ର ୫୩ ଜଣ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ରେକର୍ଡ କରାଯାଇଥିଲା । ଭୁବନେଶ୍ୱରରେ ଗତ ୫ ବର୍ଷ ମଧ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଉପରମୁହାଁ ହେଉଥିବା ନଜରକୁ ଆସିଛି । ତେଣୁ ଏହି ଚେନ୍‌ରେ ବ୍ରେକ୍ ଲଗାଇବା ଲାଗି ଅଧିକ ପାଣ୍ଠି ଓ ସଚେତନତା ଜରୁରୀ ବୋଲି ଅଧିକାରୀଙ୍କ ସ୍ତରରେ ପ୍ରକାଶ ପାଇଛି ।

## ରେଳ ଲାଇନ୍‌ରୁ ବୃଦ୍ଧଙ୍କ ଶବ ଉଦ୍ଧାର

**କଣ୍ଟାବାଞ୍ଜି/ତୁରେକେଲା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମହୁଲବାହାଲି ରେଳ ଲାଇନ୍‌ରେ ଜଣେ ବୃଦ୍ଧାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । କଣ୍ଟାବାଞ୍ଜି ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ମୃତକ ଜଣକ ଝରଣୀ ଗାଁର ଉଲ ମାଝୀ (୬୨) ବୋଲି ଜଣାପଡ଼ିଛି । ଜିଆର୍‌ପିର ସୂଚନା ଅନୁସାରେ, ମହୁଲବାହ ବାହାଲି ଗାଁଠାରୁ ପ୍ରାୟ ୧ କିମି ଦୂରରେ ରେଳ ଲାଇନ୍ ଖୁଣ୍ଟ ନଂ୧୬୦/୧୮ ଏବଂ ୧୬୦/୧୯ ମଧ୍ୟରେ ବୃଦ୍ଧାଙ୍କ ଶବ ପଡ଼ିଥିଲା ବାହାଲି ବୃଦ୍ଧା ଜଣକ ମହୁଲବାହ ଗାଁ ପଟୁ ପଟୁ ଚାଲି ଚାଲି ଆସୁଥିବା କିଛି ଗ୍ରାମବାସୀ ଦେଖିବାକୁ ପାଇଥିଲେ । କୌଣସି ମାଲ ବୋଝେଇ ଟ୍ରେନ୍ ଧକ୍କା ଦେଇଥିବା ଅନୁମାନ କରାଯାଉଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଜିଆର୍‌ପି ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

## ଭିଜିଲାନ୍ସ ଜାଲରେ ଥାନା ଏସ୍‌ଆଇ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଲାଞ୍ଚ ନେବା ହେଲା କାଳ । ଏକ ଦୁର୍ଘଟଣା ମାମଲାରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାବୁଡରେ ପଡିଲେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଏସ୍‌ଆଇ କେଶବ ଚନ୍ଦ୍ର ଦାସ । ବିଞ୍ଝାରପୁର ସରକାରୀ କ୍ୱାର୍ଟରରେ ଲାଞ୍ଚ ନେବା ସମୟରେ ଯାଜପୁର ଭିଜିଲାନ୍ସ କେଶବଙ୍କୁ ଧରିଥିଲା । ଏଭଳି ଘଟଣାକୁ ନେଇ ଯାଜପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ, ଏକ ଦୁର୍ଘଟଣା ଜନିତ ମୃତ୍ୟୁଘଟଣାରେ ମେଡିକାଲରେ କାଗଜପତ୍ର ଓ ପୋଷ୍ଟମର୍ଟମ ରିପୋର୍ଟରେ ହେର୍‌ଫେର ପାଇଁ ସ୍ଥାନୀୟ ଅଞ୍ଚଳର ଅବିନାଶ ପତିଙ୍କ ଠାରୁ ୫ ହଜାର ଟଙ୍କା ମାଗିଥିଲେ । ସରକାରୀ କ୍ୱାର୍ଟରରେ କେଶବ ଅବିନାଶଙ୍କ ଠାରୁ ଟଙ୍କା ନେବା ସମୟରେ ଭିଜିଲାନ୍ସ ସୁପରିଟେଣ୍ଡେଣ୍ଟ ସୁଶୀଲ ଏକ୍କାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରୁ କେଶବଙ୍କୁ ଗିରଫ କରି ନିଜ ହେପାଜତକୁ ନେଇଛି । ଏହି ଘଟଣାର ତଦନ୍ତ ଜାରି ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଷାକ୍ତ ସର୍ପ ଦଂଶନରେ ବାଳକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ କୁଆଖିଆ ଥାନା ଅନ୍ତର୍ଗତ ଅତିଆ ଗ୍ରାମରେ ଏକ ଅଘଟଣ ଘଟିଛି । ବିଷାକ୍ତ ସାପ କାମୁଡାରେ ଜଣେ ନାବାଳକର ମୃତ୍ୟୁ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ମୃତ ନାବାଳକ ଜଣକ ହେଲେ ଅତିଆ ଗ୍ରାମର ବାଦଲ ମଲିକ । ସୂଚନା ମୁତାବକ, ମଙ୍ଗଳବାର ରାତିରେ ଘରେ ବାଦଲ ଶୋଇଥିଲେ । ରାତିରେ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିବା ଅନୁମାନ କରାଯାଉଛି । ତେବେ ସକାଳେ ପରିବାର ଲୋକେ ବାଦଲକୁ ସଜ୍ଞାହୀନ ଅବସ୍ଥାରେ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ କୁଆଖିଆ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ମୃତ ବାଦଲ ସପ୍ତମ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି । ଏହି ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

## ୧୪ ମୃତ ପକ୍ଷୀ ଉଦ୍ଧାର:୨ ଶିକାରୀ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଶିକାରୀମାନେ ପକ୍ଷୀ ଶିକାର କରି ଫେରୁଥିବା ବେଳେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଶିକାରୀ ମାନେ ହେଲେ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଦେଇପୁର ଗ୍ରାମର ସନ୍ତୋଷ ପଲାଇ (୨୪) ଓ ଟୁଲୁ ପଲାଇ (୨୩)। ତେବେ ଚଢ଼ଉ ସମୟରେ ଜଣେ ଚମ୍ପଟ ମାରିବାରେ ସଫଳ ହୋଇଥିବା ବେଳେ ଏମାନଙ୍କ ଠାରୁ ବନବିଭାଗ ୧୪ଟି ମୃତ ପକ୍ଷୀ ଜବତ କରିଛି। ସୂଚନା ମୁତାବକ ସନ୍ଧ୍ୟା ସମୟରେ ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଭୂଷଣ୍ଡପୁର ସେକ୍ସନର ସୁଭଦ୍ରାପୁର ଘେରି ନିକଟରେ କିଛି ଶିକାରୀ ପକ୍ଷୀ ଶିକାର କରି ଫେରୁଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନାଞ୍ଚଳ ଅଧିକାରୀ ବିରାଜ ଦାଶଙ୍କ ସମେତ ଭୂଷଣ୍ଡପୁର ସକ୍ସେନ ବନପାଳ ସବିତା ପ୍ରଧାନ, ଜଗୁଆଳି ପ୍ରଦୀପ ସେଠୀ, ରାକେଶ ଖଣ୍ଡାୟତରାୟ ପ୍ରମୁଖ ଚଢ଼ଉ କରିଥିଲେ। ଏନେଇ ବନ ବିଭାଗ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବନାଞ୍ଚଳ ଅଧିକାରୀ ବିରାଜ ଦାଶ ସୂଚନା ଦେଇଛନ୍ତି।



## ଶ୍ରୀ ବଳଦେବ ଜୀଉଙ୍କ ରଥଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡାର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ବ୍ରହ୍ମ ତାଳଧ୍ୱଜ ରଥଯାତ୍ରା ପାଇଁ ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ କେନ୍ଦ୍ରାପଡା ଇଛାପୁର ସ୍ଥିତ ରଥଦାଣ୍ଡରେ ପହଞ୍ଚି ରଥଯାତ୍ରା ସମ୍ପର୍କରେ ସମୀକ୍ଷା କରିଛନ୍ତି । ନୀତି କାର୍ଯ୍ୟ ଯେଭଳି ଠିକ୍ ସମୟରେ ହୋଇପାରିବ ସେଥିପ୍ରତି ସେବାୟତ ମାନେ ସକ୍ରୀୟ ରହିବା ସହ ମନ୍ଦିର ପ୍ରଶାସନ ଏ ବିଷୟରେ ସେଚେତନ ରହିବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ନାୟକ ଆଶା ପ୍ରକାଶ କରିଥିଲେ । ବୁଧବାର ଅପରାହ୍ନରେ ଶ୍ରୀ ନାୟକଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ତଥା ମନ୍ଦିର ପ୍ରଶାସକ ରବିନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରୀ, ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରତାପ ସ୍ୱାଇଁ, ପୂର୍ତ୍ତ ବିଭାଗ ଏସଡିଓ ଆଜାମୁଦ୍ଦିନ ଖାନ ପ୍ରମୁଖ ଉପସ୍ଥିତ ରହି ରଥଯାତ୍ରା ସମୟରେ ସଫାସୁତରା, ପାନୀୟ ଜଳ, ବିଦ୍ୟୁତ୍, ରାସ୍ତା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ । ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ପରିଚାଳନା କରିବା ସହିତ ଭକ୍ତମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା କରିଥିଲେ । ଏହି ସମୀକ୍ଷା ସମୟରେ ବିଧାୟକ ଶ୍ରୀ ନାୟକଙ୍କ ସହିତ ସେବାୟତ ନୃସିଂହ ପ୍ରସାଦ ପତ୍ରୀଙ୍କ ସହ ଅମିତାଭ ସୁଆର, ରାଜେନ୍ଦ୍ର ପତ୍ରୀ, ପ୍ରଭାତ ମହାନ୍ତି, ସରୋଜ ସାହୁ, ନିଗମାନନ୍ଦ ବେହୁରା, ଜ୍ଞାନ ରଂଜନ ବସନ୍ତିଆ, ପ୍ରଶାନ୍ତ କୁମାର ସେଠୀଙ୍କ ସହ ଅନେକ କର୍ମୀ ଉପସ୍ଥିତ ଥିଲେ ।

## କାର୍ତ୍ତିକେଶ୍ୱର ନାୟକଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନ ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ୱାର୍ଲ୍ଡ ଚ୍ୟାରିଟି ୱେଲ୍ ଫାୟାର ଫାଉଣ୍ଡେସନ୍ ଦିଲ୍ଲୀ ତରଫରୁ କଟକ ଶତାବ୍ଦୀ ଭବନ ଠାରେ ବୌଦ୍ଧ ଜିଲ୍ଲାର ବରିଷ୍ଠ ଶିକ୍ଷକ, କବି, ଗାଳ୍ପିକ ଓ ସ୍ତମ୍ଭକାର କାର୍ତ୍ତିକେଶ୍ୱର ନାୟକଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି । ଦୀର୍ଘ ଦିନ ଧରି ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା, କବିତା ଓ ଗଳ୍ପ ମାଧ୍ୟମରେ ସମାଜକୁ ଏକ ମାନବ ଚେତନା ଧର୍ମୀ ସୂଚନା ପ୍ରଦାନ କରିବାରେ ଶ୍ରୀ ନାୟକ ସିଦ୍ଧହସ୍ତ । ଏହା ସହିତ ସେ ଜଣେ ମିଷ୍ଟଭାଷୀ, ସ୍ନେହୀ ଓ ସରଳ ବ୍ୟକ୍ତି ଅଟନ୍ତି । ଏହାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନ ତାଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନ ପୁରସ୍କାର ପ୍ରଦାନ କରିଛି । ଶ୍ରୀ ନାୟକ ପ୍ରଥମେ ୧୯୯୬ ମସିହାରେ ଶିକ୍ଷକ ଭାବେ କନ୍ଧମାଳ ବ୍ଲକ ଖେମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବାବେଳେ ପରେ ବଘିଆପଡା ୟୁ.ପି ସ୍କୁଲ, ଆଡେଣୀଗଡ ପ୍ରାଥମିକ ବିଦ୍ୟାଳୟ, ତାଳବାହାଲ ୟୁପି ସ୍କୁଲ, ନୋଡାଲ ୟୁପି ସ୍କୁଲ ପୁରୁଣାକଟକରେ ରହି ପାଠ ପଢାଇଥିବାବେଳେ ବର୍ତ୍ତମାନ ନାୟକପଡା ସରକାରୀ ୟୁପି ସ୍କୁଲରେ ଶିକ୍ଷକତା କରୁଛନ୍ତି । ଏହି ପୁରସ୍କାର ପାଇବାପରେ ତାଙ୍କୁ ଶୁଭେଚ୍ଛୁ, ଅନୁଗାମୀ, ବୌଦ୍ଧ ଜିଲ୍ଲାବାସୀ ଓ ବିଭିନ୍ନ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି । ଏହି ସଫଳତାର ଶ୍ରେୟ ସେ ସମସ୍ତ ବୌଦ୍ଧ ଜିଲ୍ଲାବାସୀଙ୍କୁ ଦେଇଛନ୍ତି ।



## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୭ ଘଣ୍ଟାର ଅପରେସନ୍ ପରେ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ଅନ୍ତର୍ଗତ ଚଣ୍ଡାଲ ମୁଣ୍ଡା ଗ୍ରାମର ଧନୁର୍ଜୟ ସିଶାଙ୍କ ମୃତଦେହ ଉଦ୍ଧାର କରିଛନ୍ତି କୋରାପୁଟ ଓଡ୍ରାଫ ଟିମ୍। ମୋହାଦେଇପୁଟ ଘାଟରେ ବୁଡିଯାଇଥିଲେ ୧୮ ବର୍ଷର ଯୁବକ । ଦୀର୍ଘ ୭ ଘଣ୍ଟା ଅପରେସେନ୍ ପରେ ମୃତ୍ୟୁ ଦେହ ଉଦ୍ଧାର କରାଯାଇଛି ।

## ମା' ପରମେଶ୍ୱରୀ ମହାଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠା



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ଶିକ୍ଷାଞ୍ଚଳ ସ୍ଥିତ ସୁବାଷ ନଗର ପ୍ରଥମ ସାରିଣୀରେ ମା' ପରମେଶ୍ୱରୀ ମହାଲକ୍ଷ୍ମୀଙ୍କର ବିଗ୍ରହ ପ୍ରାଣ ପ୍ରତିଷ୍ଠିତ ହୋଇଛି। ଏହାସହ ନୂତନ ମନ୍ଦିର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଚଳିତ ମାସ ଜୁନ୍ ୩୦ ତାରିଖ ଠାରୁ ଚାଲିଥିବା ପ୍ରତିଷ୍ଠା ଉତ୍ସବଟି ୩ ତାରିଖରେ ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନରେ ଦିକ୍ଷା ଗ୍ରହଣ, ମଣ୍ଡଳଧିଶ ଓ ଅଙ୍କୁରରୋପଣ କାର୍ଯ୍ୟବିଧି ଯଥାରୀତି ହୋଇଥିବା ବେଳେ ସୋମବାର କାର୍ଯ୍ୟାରମ୍ଭ, ବ୍ରାହ୍ମଣ ବରଣ, ସୂର୍ଯ୍ୟପୂଜା, ଥାଳ ପୂଜା, ଦେବତା ହୋମ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଦିନ ହୋମ, ସ୍ନାନ ଓ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା । ଆସନ୍ତା ଦିନରେ ନାମଯଜ୍ଞ, ଅନ୍ନଯଜ୍ଞ, ଦେବତା ନଗର ପରିକ୍ରମା, ମା'ଙ୍କ ସିଂହାସନ ଆରୋହଣ ସମ୍ପନ୍ନ ହୋଇଛି । ମଣିଷ ଯେତେ ଉନ୍ନତି କରୁଥିଲେ ମଧ୍ୟ ବିଭୂ କୃପା ବିନା ସବୁ ଅଧୁରା ଅଟେ । ତେଣୁ ଈଶ୍ୱରଙ୍କ ସହ ଯୋଡ଼ି ହେବା ଏହା ଏକ ଛୋଟିଆ ପ୍ରୟାସ ବୋଲି ଶିକ୍ଷାବିତ୍, ସମାଜସେବୀ ତଥା ଗୁରୁକୁଳ ଇଣ୍ଟରନ୍ୟାସନାଲ୍‌ର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର କହିଛନ୍ତି । ତାଙ୍କ ଧର୍ମପତ୍ନୀ ଅନୀତା ପାତ୍ରୀ ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ ତୁଲାଇଥିଲେ ।

# ଠକ ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ନିଲାମ ପାଇଁ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

୨୬ଟି ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଚିଟ୍‌ଫଣ୍ଡ ଅଦାଲତ ନିର୍ଦ୍ଦେଶ ଦେଇସାରିଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ□ ଏହିସବୁ କମ୍ପାନୀର ସମସ୍ତ ସମ୍ପତ୍ତି ନିଲାମ ହୋଇପାରୁନାହିଁ । ଫଳରେ ସମ୍ପତ୍ତି ଥାଇ ସୁଦ୍ଧା ଏଥିରୁ ଲବ୍ଧ ଅର୍ଥ ଆସିପାରୁ ନାହିଁ । ଏହି ସମ୍ପତ୍ତି ବାବଦରେ ରାଜ୍ୟ ସରକାର କୌଣସି ଠୋସ୍ ନିର୍ଦ୍ଦେଶ ଦେଇପାରୁନାହାନ୍ତି । ଗୋଟେ ପଟେ ସମ୍ପତ୍ତିର ତାଲିକା ଧରି ସରକାର ବସି ରହିଥିବା ବେଳେ ଅନ୍ୟପଟେ ଏହି ସମ୍ପତ୍ତି ନିଲାମ ହୋଇନପାରିବାରୁ ସରକାରୀ ଖାତାକୁ ଚିଟ୍‌ଫଣ୍ଡ ସଂସ୍ଥାଙ୍କ ଅର୍ଥ ଆସିପାରୁନାହିଁ । ଫଳରେ ଜମାକାରୀମାନେ ସେମାନଙ୍କ ଜମା ଅର୍ଥ ଫେରି ପାଇବା ପାଇଁ ଅନାଇ ବସି ରହିଛନ୍ତି । ୬୦ରୁ ଅଧିକ ଚିଟ୍‌ଫଣ୍ଡ କମ୍ପାନୀର ସମ୍ପତ୍ତି ବ୍ୟାଜାପ୍ତି ଲାଗି ଚିଟ୍‌ଫଣ୍ଡ ସ୍ୱତନ୍ତ୍ର ଅଦାଲତରେ କଟକ ଚିଟ୍‌ଫଣ୍ଡ ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମାମଲା ରୁଜୁ କରିଛନ୍ତି । ଇତିମଧ୍ୟରେ ୨୬ଟି ମାମଲାରେ ଚିଟ୍‌ଫଣ୍ଡ ଅଦାଲତ ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ବ୍ୟାଜାପ୍ତି ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି । ଆହୁରି ୩୫ରୁ ଅଧିକ ମାମଲା ଚିଟ୍‌ଫଣ୍ଡ ଅଦାଲତରେ ବିଚାରଧୀନ ରହିଛି । ୨୬ଟି ସଂସ୍ଥା ଭିତରେ ଅଛନ୍ତି ରୋଜଭ୍ୟାଲି ସାଫେକ୍ସ ଇଣ୍ଡିଆ, ଆସ୍ଥା ଇଣ୍ଟରନ୍ୟାସନାଲ, ଗୋଲଡେନ୍‌ଲ୍ୟାଣ୍ଡ ଡେଭଲପରର୍ସ, ସାଇ ପ୍ରଗତି, ଉମାମଣି କ୍ରିଏସନ୍, ଶ୍ରୀ ଭୂମି, ସିରିଡ଼ି ସାଇ, ସେଡ଼ିଲ୍ ଡେଭଲପରର୍ସ, ଲ୍ୟାଣ୍ଡ ଇଣ୍ଡିଆନ ଏ.ବି ରିଅଲଟେକ୍, ଏକ୍ସଲେଣ୍ଟ ଇଷ୍ଟକନ ପ୍ରାଇଭେଟ୍ ଲିମିଟେଡ୍, ଏ.ଏମ ଫଣ୍ଡ ମ୍ୟାନେଜର, ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ ଲିମିଟେଡ୍, ସିସୋର୍, ଭିଷ୍ଟା ମ୍ୟାନେଜ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ ପ୍ରମୁଖ । ରୋଜଭ୍ୟାଲିର ଯେତିକି ଜମି ବ୍ୟାଜ୍ୟାପ୍ତି କରାଯାଇଛି ସେଥିରୁ ୧୧ ଏକର ୨୯୨ ଡ଼ିସିମିଲ ଜମି ନିଲାମ ହୋଇପାରିନି । ସାଫେକ୍ସ ଚିଟ୍‌ଫଣ୍ଡ ସଂସ୍ଥାର ୧୪ ଏକର ଜମିରୁ ମାତ୍ର ୯୦୨ ଡ଼ିସିମିଲ ଜମି ବିକ୍ରି ହୋଇପାରିଛି । ଆସ୍ଥା ନାଁରେ ୫୨୨ ଏକର ସମ୍ପତ୍ତି ରହିଛି । ଏଥିରୁ ପଶ୍ଚିମବଙ୍ଗରେ କେବଳ ୫୦୨ ଏକର ଜମି ରହିଛି । ଏଥିରୁ ମାତ୍ର ୩୯୭ ଡ଼ିସିମିଲ ଜମି ବିକ୍ରି ହୋଇଛି। ଗୋଲଡେନ ଲ୍ୟାଣ୍ଡ ଡେଭଲପରର୍ସ ୪୯ ଏକର ଜମି ଥିବାବେଳେ ଏଥିରୁ ୩୧ ଏକର ୮୪୮ ଡିସିମିଲ ଜମି ବିକ୍ରି ହୋଇପାରିଛି । ସାଇ ପ୍ରଗତି ନାମରେ ୪୬ ଏକର ଜମି ଥିଲାବେଳେ ଏଥିରୁ ମାତ୍ର ୭ ଏକର ଜମି ବିକ୍ରି ହୋଇପାରିଛି । ଏହି ସମସ୍ତ ଜମିକୁ ଦୁଇଥର ଲେଖାଏଁ ନିଲାମ ଡ଼କାଯାଇଛି । ଦୁଇଥର ନିଲାମ ପରେ ମଧ୍ୟ ବହୁ ପରିମାଣର ଜମି ବିକ୍ରି ହୋଇନପାରି ପଡ଼ିରହିଛି । ନିଲାମ ପ୍ରକ୍ରିୟାରେ ବିକ୍ରି ହୋଇନପାରି ପଡ଼ି ରହିଥିବା ଏହିସବୁ ଜମିର ମୂଲ୍ୟ ପ୍ରାୟ ୫୦୦ କୋଟି ଟଙ୍କା ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି । ଅପରପକ୍ଷରେ ଉମାମଣି କ୍ରିଏସନ୍ ନାମରେ ୩୨ ଏକର ଜମି ଥିଲାବେଳେ ଶ୍ରୀ ଭୂମି ନାମରେ ୪୬ ଏକର ଜମି, ଶିରିଡ଼ି ସାଇ ଚିଟ୍‌ଫଣ୍ଡ ସଂସ୍ଥା ନାମରେ ୧ ଏକର ଜମି, ସେଡ଼ିଲ୍ ଡେଭଲପରର୍ସ ନାମରେ ୨ ଏକର ୫୬ ଡ଼ିସିମିଲ ଜମି, ଲ୍ୟାଣ୍ଡ ଇଣ୍ଡିଆ ନାମରେ ୭ ଏକର ଜମି, ଏ.ବି ରିଅଲଟେକ୍ ନାମରେ ୧୪ ଏକର ଜମି, ଏକ୍ସଲେଣ୍ଟ ଇଷ୍ଟକନ୍ ପ୍ରାଇଭେଟ ଲିମିଟେଡ ନାମରେ ୨ ଏକର ଏ.ଏମ ଫଣ୍ଡ ମ୍ୟାନେଜର ସଂସ୍ଥା ନାମରେ ୪୩୧ ଡ଼ିସିମିଲ ଜମି, ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ ଲିମିଟେଡ଼ ନାମରେ ୪୨ ଏକର, ସିସୋର୍ ନାମରେ ୨୩୨ ଏକର ଜମି ଭିଷ୍ଟା ମ୍ୟାନେଜ୍‌ମେଣ୍ଟ ପ୍ରାଇଭେଟ ଲିମିଟେଡ ନାମରେ ୧୪ ଏକର ଜମି ରହିଛି । କିନ୍ତୁ ଏହିସବୁ ସମ୍ପତ୍ତିର ଏ ପର୍ଯ୍ୟନ୍ତ ମୂଳ ମୂଲ୍ୟ (ବେସ୍ ପ୍ରାଇସ୍) ଧାର୍ଯ୍ୟ ହୋଇନଥିବାରୁ ନିଲାମ କରାଯାଇ ପାରୁନାହିଁ । କିନ୍ତୁ ଯେଉଁସବୁ ଚିଟ୍‌ଫଣ୍ଡ ସଂସ୍ଥାଙ୍କ ସମ୍ପତ୍ତି ଦୁଇଥର ଲେଖାଏଁ ନିଲାମ କରାଯିବା ସତ୍ତ୍ୱେ ଏହି ନିଲାମ ପ୍ରକ୍ରିୟାରେ କେହି ଭାଗ ନେଉନାହାନ୍ତି । ତାହା ଏବେ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏ ସଂକ୍ରାନ୍ତରେ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ଯେ, ସମ୍ପତ୍ତି ନିଲାମ ପରେ ସେଥିରୁ ଉପଲବ୍ଧ ଅର୍ଥ ହିଁ ଚିଟ୍‌ଫଣ୍ଡ ଜମାକାରୀଙ୍କ ମଧ୍ୟରେ ବଣ୍ଟା ଯାଇଥାଏ । କିନ୍ତୁ ଏଠି ବହୁ ସଂସ୍ଥାଙ୍କ ସମ୍ପତ୍ତି ନିଲାମ ପ୍ରକ୍ରିୟାରେ କେହି ସାଧାରଣ ଲୋକେ ଭାଗ ନେଉନାହାନ୍ତି । ଭବିଷ୍ୟତରେ କାଳେ କୌଣସି ଆଇନଗତ ସମସ୍ୟା ଉପୁଜିବ ସେଥିପାଇଁ ଏଥିରେ ଭାଗ ନେବାକୁ ଡ଼ରୁଛନ୍ତି । ଫଳରେ ସମ୍ପତ୍ତି ନିଲାମ ହେବାରେ ବଡ଼ ସମସ୍ୟା ଉପୁଜିଛି । କୌଣସି ସମ୍ପତ୍ତି ଦୁଇଥର ନିଲାମ କରାଯିବା ପରେ ପୁଣି ଥରେ ଉକ୍ତ ସମ୍ପତ୍ତିର ବେସ୍ ପ୍ରାଇସ୍ ଧାର୍ଯ୍ୟ କରାଯାଇଥାଏ ଏହି ବେସ୍ ପ୍ରାଇସ୍ ସ୍ଥାନୀୟ ତହସିଦାରଙ୍କ ସହଯୋଗରେ ଉପଜିଲ୍ଲାପାଳମାନେ ସ୍ଥିର କରିଥାନ୍ତି । କିନ୍ତୁ ଜମିଗୁଡ଼ିକ ବିଭିନ୍ନ ଜିଲ୍ଲାରେ ପଡ଼ି ରହିଥିବାରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଉନଥିବାରୁ ଏହି ବେସ୍ ପ୍ରାଇସ୍ ମଧ୍ୟ ସ୍ଥିର ହୋଇପାରୁନାହିଁ । ତେଣୁ ସମ୍ପତ୍ତି ନିଲାମରେ ବଡ଼ ସମସ୍ୟା ଦେଖାଯାଉଛି । ଚିଟ୍‌ଫଣ୍ଡ ସଂସ୍ଥାଙ୍କ ଆକାଉଣ୍ଟରେ ବହୁ କମ୍ ଅର୍ଥ ରହିଥାଏ । ତେଣୁ ଉକ୍ତ ଅର୍ଥକୁ ନେଇ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବା ସହଜ ନୁହେଁ । ଚିଟ୍‌ଫଣ୍ଡ ସଂସ୍ଥାଙ୍କ ଉପରେ ଚଢଉ ବେଳେ ସେମାନଙ୍କ ଠାରୁ ବହୁ ମୂଲ୍ୟବାନ ଗାଡ଼ି ସମ୍ପର୍କରେ ସି ଜବତ କରାଯାଇଥିଲା । ଏଥିରୁ କିଛି ଗାଡ଼ି ଆଜିବି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) କାର୍ଯ୍ୟାଳୟରେ ପଡ଼ିରହିଛି ଆଉ କିଛି ଗାଡ଼ିର କୌଣସି ଖୋଜ୍‌ଖବର ନାହିଁ । ପ୍ରାୟ ୭/୮ ବର୍ଷ ଧରି ଏହି ଗାଡ଼ିଗୁଡ଼ିକ ଆଜି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପଡ଼ି ଖତ ଖାଉଛି କିନ୍ତୁ ଏହି ଗାଡ଼ିଗୁଡ଼ିକୁ ଆଜି ପର୍ଯ୍ୟନ୍ତ ନିଲାମ ପାଇଁ କୌଣସି ପ୍ରକାର ପଦକ୍ଷେପ ନିଆଯାଉନଥିବା ଜଣାପଡ଼ିଛି । ଏହି ଗାଡ଼ି ଗୁଡ଼ିକ ଯଦି ନିଲାମ କରାଯାଇ ପାରନ୍ତା ଏଥିରୁ ମଧ୍ୟ ବହୁ ଅର୍ଥ ସରକାରଙ୍କୁ ମିଳିପାରନ୍ତା । ଫଳରେ ଏଥିରୁ ଲବ୍ଧ ଅର୍ଥ ମଧ୍ୟ ଏହାର ଜମାକାରୀଙ୍କ ମଧ୍ୟରେ ବଣ୍ଟା ଯାଇପାରନ୍ତା । ଚିଟ୍‌ଫଣ୍ଡ ଜମାକାରୀଙ୍କ ରୁଜୁ ହୋଇ ସମ୍ପତ୍ତି ବ୍ୟାଜାପ୍ତି ହୋଇପାରୁନଥିଲା ବେଳେ ଜମାକାରୀଙ୍କୁ କେବେ ସେମାନଙ୍କ ଅର୍ଥ ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ଚଳିତ ୨୦୨୪ ନିର୍ବାଚନରେ ବିଜେପି ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଫଳରେ ନିର୍ବାଚନରେ ବିଜେପି ବିପୁଳ ଜନସମର୍ଥନ ହାସଲ କରିଥିଲା । ବର୍ତ୍ତମାନର ମୋହନ ସରକାର ତାଙ୍କ ଦଳ ଯେଉଁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା ତାହାକୁ ପୂରଣ କରିବାକୁ ବଦ୍ଧପରିକର ବୋଲି ଘୋଷଣା କରିଛନ୍ତି । ତେବେ ରାଜ୍ୟ ସରକାର ଏନେଇ କି ପଦକ୍ଷେପ ନେଉଛନ୍ତି ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ

ଭାରତୀୟମାନେ ସଞ୍ଚୟ ପ୍ରିୟ। ଯିଏ ଯେତେ ରୋଜଗାର କରନ୍ତୁ ନା କାହିଁକି ସେଥିରୁ କିଛି ସଞ୍ଚୟ କରି ଘରେ ରଖିବାକୁ ପସନ୍ଦ କରନ୍ତି। ଲୋକମାନଙ୍କ ସେହି ମାନସିକତା ଭାରତକୁ ଅନ୍ୟ ଦେଶଠାରୁ ଭିନ୍ନ କରିଥିବା ବେଳେ ପରିବାର ସଞ୍ଚୟ କ୍ଷେତ୍ରରେ ଦେଶକୁ ଅଗ୍ରଣୀ ରଖିଛି। କିନ୍ତୁ ଗତ କିଛି ବର୍ଷ ହେଲାଣି ପରିବାରରେ ହେଉଥିବା ସଞ୍ଚୟ ଉପରେ ଚାପ ସୃଷ୍ଟି ହୋଇଛି। ଲୋକମାନେ ଘରେ ପୂର୍ବ ଭଳି ସଞ୍ଚୟ କରିପାରୁନାହାନ୍ତି କିମ୍ବା ସଞ୍ଚିତ ରାଶିରୁ ଖର୍ଚ୍ଚ କରିବାକୁ ବାଧ ହୋଇଛନ୍ତି ବୋଲି ଏକ ତଥ୍ୟରୁ ଜଣାପଡ଼ିଛି। ଜାତୀୟ ଖାତା ପରିସଂଖ୍ୟାନ ୨୦୨୪ ତଥ୍ୟ ଅନୁସାରେ ଦେଶର ପରିବାର ସଞ୍ଚୟ ପରିମାଣ ଗତ ତିନି ବର୍ଷରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୧୪.୧୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ୨୦୨୦-୨୧ରେ ପରିବାର ସଞ୍ଚୟ ପରିମାଣ ୨୩.୨୯ ଲକ୍ଷ କୋଟି ଟଙ୍କା ଭଳି ଉଚ୍ଚ ସ୍ତରରେ ଥିଲା। ୨୦୨୨-୨୩ ସୁଦ୍ଧା ସେଥିରୁ ୯ ଲକ୍ଷ କୋଟି ଟଙ୍କା ବାହାରି ଯାଇଛି। ଅର୍ଥାତ ତିନି ବର୍ଷ ଭିତରେ ଲୋକମାନେ ପରିବାର ଚଳାଇବା ଲାଗି ସଞ୍ଚିତ ରାଶି ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ ବୋଲି ପରୋକ୍ଷରେ କୁହାଯାଇପାରିବ। ନିଯୁକ୍ତି ବଜାରରେ କଠିନ ସ୍ଥିତି, ଲୋକମାନଙ୍କ ଆୟ ଉପରେ ରହିଥିବା ଚାପ ଏବଂ ଦରଦାମ୍ ସ୍ଥିତି ବେଲଗାମ ରହିବା କାରଣରୁ ଲୋକମାନଙ୍କୁ ଆଉ ସଞ୍ଚୟ କରିବା ଲାଗି ବିଶେଷ ସୁଯୋଗ ମିଳୁନାହିଁ। ୨୦୨୧-୨୨ରେ ପରିବାର ସଞ୍ଚୟ ରାଶି ୧୭.୧୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୨-୨୩ରେ ତାହା ୧୪.୧୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି ଯାହା ଗତ ପାଞ୍ଚ ବର୍ଷ ଭିତରେ ସବୁଠୁ କମ୍। ଶେଷ ଥର ପାଇଁ ୨୦୧୭-୧୮ରେ ପରିବାର ସଞ୍ଚୟ ପରିମାଣ ୧୩.୦୫ ଲକ୍ଷ କୋଟି ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିବା ପରେ ୨୦୧୮-୧୯ରେ ୧୪.୯୨ ଲକ୍ଷ କୋଟି ଟଙ୍କାକୁ ଏବଂ ୨୦୧୯-୨୦ରେ ୧୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସରକାରଙ୍କ ଏହି ତଥ୍ୟରୁ ଆଉ ଗୋଟିଏ ଚିତ୍ର ସାମ୍ନାକୁ ଆସିଛି। ତାହା ହେଉଛି ଲୋକମାନେ ମ୍ୟୁଚୁଆଲ୍ ଫଣ୍ଡରେ ଅଧିକ ନିବେଶ କରୁଛନ୍ତି। ସେଥିପାଇଁ ତିନି ବର୍ଷରେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ନିବେଶ ପରିମାଣ ତିନି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୧.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ନିବେଶ ପରିମାଣ ୬୪,୦୮୪ କୋଟି ଟଙ୍କା ଥିବା ବେଳେ ୨୦୨୧-୨୨ରେ ତାହା ୧.୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ତିନି ବର୍ଷରେ ସେୟାର ଓ ଡିବେଞ୍ଚରରେ ନିବେଶ ପରିମାଣ ଦୁଇ ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୨.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ଏହି ନିବେଶ ପରିମାଣ ୧.୦୭ ଲକ୍ଷ କୋଟି ଟଙ୍କା ଥିଲା। ପରିବାରଗୁଡ଼ିକର ଋଣ ବୋଝ ଇତି ମଧ୍ୟରେ ବୃଦ୍ଧି ପାଇଛି। ଆର୍ଥିକ ସଂସ୍ଥାଗୁଡ଼ିକରୁ ପରିବାରଗୁଡ଼ିକ ନେଇଥିବା ଋଣ ଚାରି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୩.୩୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ପରିବାରଗୁଡ଼ିକ ଉପରେ ୯୩,୭୨୩ କୋଟି ଟଙ୍କାର ଋଣ ବୋଝ ଥିଲା ଯାହା ୨୦୨୧-୨୨ ସୁଦ୍ଧା ୧.୯୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ବୋଲି ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମସ୍ତୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଵ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୨



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଯାହାକୁ ବର୍ଣ୍ଣନା କରିବା ପାଇଁ ଏ ପୃଥିବୀ ପୃଷ୍ଠର ଭାଷା ଗୁଡିକ ଅସ୍ତିତ୍ୱ ହରାଇ ବସୁଛନ୍ତି। ସମଗ୍ର ବିଶ୍ୱଟା ଯେପରି ପୋଡି ଜାଳି ପାଉଁଶ ହେବା ପରି ଦୃଶ୍ୟମାନ ହେଉଛି। ଥରେ ଆସ ସୁମିତ୍ରା ଅଯୋଧ୍ୟା ନଗରୀର ରାଜ ପଥକୁ, ଦେଖିବ ଗୋଟାଏ ବିଶାଳ ଜନ ସମୁଦ୍ର କିପରି କାନ୍ଦି କାନ୍ଦି ଧୂଳିରେ ଲୋଟି ପଡୁଛନ୍ତି। କିନ୍ତୁ କ'ଣ କରାଯିବ ? ଯାହା ଘଟିବାର ଅଛି ତାହା ନିଶ୍ଚୟ ଘଟିବ ସୁମିତ୍ରା। ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ପରେ ଏ ଅଯୋଧ୍ୟାରେ ଆଉ କେହି ବଞ୍ଚିପାରିବେନି। ଲକ୍ଷ୍ମଣଙ୍କ ମୃତ୍ୟୁ ହେଉଛି ଏପରି ଏକ ବିରଳ ବିଭତ୍ସ ହୃଦୟ ବିଦାରକ ଇତିହାସ ଚିରଦିନ ପାଇଁ ଗୋଟାଏ ଅଲିଭା ଆଲୋକ ହୋଇ ରହିଯିବ ପୃଥିବୀ ବକ୍ଷରେ। ସତ୍ୟ, ଧର୍ମ, ନ୍ୟାୟ ପାଇଁ, ପ୍ରଜାଙ୍କ କଲ୍ୟାଣ ପାଇଁ, ରଘୁବଂଶର ଗୌରବମୟ ଇତିହାସକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଜି ଲକ୍ଷ୍ମଣ ଯେପରି ପ୍ରାଣ ବିସର୍ଜନ କରିବା ପାଇଁ ଯାଉଛନ୍ତି ସେ ଭଳି ଦେଶ ପ୍ରେମୀ, ମାନବ ପ୍ରେମୀ ମହାନ୍ ମଣିଷଟିଏ ଆଗାମୀ କାଲି ଯେ ଆଉ ଏ ସଂସାରରେ ଜନ୍ମନେବ, ସେ କଥା ଆଉ କେବେ ସମ୍ଭବ ନୁହେଁ।' ସୁମିତ୍ରାଙ୍କ ନିକଟରୁ ଲକ୍ଷ୍ମଣ ଅନ୍ତିମ ବିଦାୟ ନେଇ ଆସିଲେ ତାଙ୍କ ପ୍ରିୟତମା ପତ୍ନୀ ଉର୍ମିଳାଙ୍କ ନିକଟକୁ। ଯେଉଁ ପ୍ରିୟତମା ପତ୍ନୀ ଉର୍ମିଳାଙ୍କୁ ବିବାହ କରି ଜନକ ପୁରୀରୁ ନେଇ ଆସିଥିଲେ ଅଯୋଧ୍ୟା ରାଜଭବନକୁ। ସ୍ଥିର ପଦପାତରେ ପ୍ରବେଶ କଲେ ଉର୍ମିଳାଙ୍କ ଶୟନକକ୍ଷକୁ। ଭୂମି ଉପରେ ବସି କାନ୍ଦୁଛନ୍ତି ଉର୍ମିଳା। କେତେ କେତେ ଭାବନା ଯେ ତାଙ୍କ ମୁଣ୍ଡ ଭିତରକୁ ପଶି ଆସୁଛି ତାହା କିଏ ଅବା କଳ୍ପନା କରିବ ? ରଘୁବଂଶର ପୁତ୍ରବଧୂ ଭାବେ ଯେଉଁ ଦିନ ସେ ଅଯୋଧ୍ୟା ରାଜଭବନକୁ ପ୍ରବେଶ କରିଥିଲେ ସେଦିନ ଯେ, ସେ କେତେ ଅସୁମାରୀ ସ୍ୱପ୍ନଦେଖି ଆତ୍ମ ବିଭୋର ହୋଇଥିଲେ, ସେ କଥାକୁ ଆଜି ସ୍ମରଣ କରି ବାରମ୍ବାର ଧିକ୍କାର କରୁଛନ୍ତି ନିଜର ଜନ୍ମକୁ। ବିବାହ ପୂର୍ବରୁ ସ୍ୱପ୍ନ ଦେଖୁଥିଲେ ଏମିତି ଜଣେ ସୁଠାମ୍, ବଳିଷ୍ଠ ପୁରୁଷ ତାଙ୍କୁ ମିଳନ୍ତା। ଯାହାକୁ ସେ ଗୋଟିଏ ମୁହୂର୍ତ୍ତ ମଧ୍ୟ ନିଜ ଠାରୁ ଦୂରେଇ ରହିବା ପାଇଁ ସୁଯୋଗ ଦେବେନି। କଦାପି ତାଙ୍କୁ ଆଖି ଆଗରୁ ଅନ୍ତର କରିପାରିବେନି। ସେ ଯେଉଁ ସୁନ୍ଦର ରାଜକୁମାର ଚିତ୍ର ସେ ମନେମନେ ଆଙ୍କିଥିଲେ ଓ ସ୍ୱପ୍ନ ଦେଖିଥିଲେ, ତାହା ଠାରୁ ଅଜସ୍ର ଗୁଣରେ ଏପରି ଏକ ପରିପୂର୍ଣ୍ଣ ପୁରୁଷ ପାଇଗଲେ, ସେ କଥା ଚିନ୍ତା କଲେ ଆଜି ବିସ୍ମିତ ହେବାକୁ ପଡେ। କୋଟି କୋଟି ଚନ୍ଦ୍ରଙ୍କର ରୂପ ଲାବଣ୍ୟକୁ ନିନ୍ଦା କରୁଥିବା ଏକ ପୁରୁଷ ପାଇଲେ ଯାହାଙ୍କ ନାମ ଲକ୍ଷ୍ମଣ। କିନ୍ତୁ ଭାଗ୍ୟର ବିଡମ୍ବନା ଏପରି ଘଟିଲା ତାଙ୍କ ଜୀବନରେ, ସେ କଥା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ। ଅଯୋଧ୍ୟାରେ ପାଦ ଦେବାର ମାତ୍ର ହାତ ଗଣତି ଭଳି କେତେଟା ଦିନ ଭିତରେ ଆରମ୍ଭ ହେଲା ବନବାସ ପର୍ବ। ଏମିତି ଭାଗ୍ୟ ଯେ ବର୍ଷେ କି ଦୁଇ ବର୍ଷନୁହେଁ ଦୀର୍ଘ ଚଉଦବର୍ଷ। କେଉଁ ଅଦୃଶ୍ୟ ବିଧାତାର ଇଙ୍ଗିତରେ ମନକୁ ବୁଝେଇ ତାଙ୍କ ଫେରିବା ବାଟକୁ ଚାହି ଚାହିଁ ଯେଉଁ ଅସରା ଲୁହ ସବୁ ଝରି ଯାଇଛି, ତାକୁ ଭାବିଲେ ନିଜକୁ ଧିକ୍କାର କରୁଛି, ଆଜି ଭଗବାନଙ୍କ ପାଦ ପଦ୍ମରେ ଏ ଆଖିର ତତଲା ଲୁହ ଗୁଡାକ ଢାଳି ଦେଇ ଡାକୁଛି ହେ ପ୍ରଭୁ ! ଜୀବନରେ ଏପରି ଅକୁହା ଦୁଃଖର ଯନ୍ତ୍ରଣା ଆଉ କୌଣସି ନାରୀର ଜୀବନରେ ନ ଆସୁ। ଚଉଦବର୍ଷ ପରେ ଫେରିଲେ ସ୍ୱାମୀ । ଭାବି ନେଲି ଯାହା ବି ହେଉ ଚନ୍ଦ୍ରମା ପରି ସ୍ୱାମୀଙ୍କର ମୁଖ ମଣ୍ଡଳକୁ ଦର୍ଶନ କରି ତାଙ୍କରି ପରିପୂର୍ଣ୍ଣ ପ୍ରେମରେ ନିଜର ଅବଶିଷ୍ଟ ଅତୃପ୍ତ କାମନା ବାସନାକୁ ଚରିତାର୍ଥ କରିଦେବି। ନାରୀ ଜୀବନର ଏ ଅକୁହାକଥା ଗୁଡାକ ସବୁ ଲକ୍ଷ୍ମଣଙ୍କ ଆଗରେ କହି ତାଙ୍କ ସହିତ ରାତି ରାତି ବିତାଇ ଦେବି। କିନ୍ତୁ ଏତେ ରାତି ପାଇଁ କ'ଣ ସ୍ୱପ୍ନ ଅଣ୍ଟିଲା ? ସ୍ୱପ୍ନ ଫୁଲର ପ୍ରଥମ ପାଖୁଡାଟି ମେଲିଲା ବେଳକୁ ପୁଣି ଆସିଗଲା ଅଗ୍ନିବର୍ଷା। ରାତି ତ ଅନେକ ଆସିବ କିନ୍ତୁ ମୋ ସ୍ୱପ୍ନର ସୌଧଟି ପୋଡି ଜାଳି ପାଉଁଶ ହୋଇଗଲା। ଜୀବନର ଏ ରହସ୍ୟମୟତାକୁ ବୁଝିବାକୁ ଯେତେ ଚେଷ୍ଟା କରିଛି କିନ୍ତୁ ବିଧାତାର ଏ ବିଚିତ୍ର ଖେଳକୁ ବୁଝି ପାରିଲିନି ଆଜି ପର୍ଯ୍ୟନ୍ତ। (କ୍ରମଶଃ)

# ଅନବସର ନୀତି ସେବା



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪



ପୁରୀ ଯାତ୍ରାପର୍ବର ସହର ବୋଲି କଥିତ। ଏଠାରେ ୧୨ ମାସରେ ଲାଗି ରହିଥାଏ ତେର ଯାତ୍ରା । ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି କୋଟି ବିଶ୍ୱବାସୀଙ୍କର ଭାବ ଭକ୍ତିର ଠାକୁର । ଭାରତବର୍ଷରେ ବିଭିନ୍ନ ସ୍ଥାନରେ ଦେବା ଦେବୀ ମାନଙ୍କର ଯାତ୍ରା ଅନୁଷ୍ଠିତ ହୁଏ । କିନ୍ତୁ ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହୁଏ ଠାକୁର ମାନଙ୍କର ଅନେକ ଯାତ୍ରା ପର୍ବ। ଭଗବାନ ବିଷ୍ଣୁଙ୍କର ବିଭିନ୍ନ ଯୁଗରେ ଯେତେସବୁ ଅବତାର ହୋଇଛି ତାହା ଏହି ଜଗନ୍ନାଥଙ୍କ ଠାରୁ ସୃଷ୍ଟି । ତେଣୁ ଜଗନ୍ନାଥ ହେଉଛନ୍ତି ଅବତାର ନୁହେଁ ଅବତାରୀ ଏବଂ ପୁରୀ ହେଉଛି ଦଶାବତାର କ୍ଷେତ୍ର । ବିଷ୍ଣୁଙ୍କର ବିଭିନ୍ନ ଅବତାରରେ ଯେଉଁସବୁ ଘଟଣାବଳୀ ବା ଲୀଳା ଘଟିଥିଲା ତାହାର ସ୍ମୃତି ସ୍ୱରୂପ ଜଗନ୍ନାଥଙ୍କ ମନ୍ଦିରରେ ଯାତ୍ରା ପର୍ବମାନ ଅନୁଷ୍ଠିତ ହୋଇଥାଏ । ସ୍କନ୍ଦ ପୁରାଣରେ ପ୍ରଧାନ ଦ୍ୱାଦଶ ଯାତ୍ରା ଉଲ୍ଲେଖ ରହିଛି । ଯଥା ସ୍ନାନଯାତ୍ରା, ରଥଯାତ୍ରା,ଗୁଣ୍ଡିଚା, ହରିଶୟନ ଯାତ୍ରା, ହରି ଉତ୍ ଥାପନ ଯାତ୍ରା, ପାର୍ଶ୍ୱ ପରିବର୍ତନ ଯାତ୍ରା, ଦକ୍ଷିଣାୟନ ଯାତ୍ରା, ପ୍ରାବରଣ ଯାତ୍ରା, ପୁଷ୍ୟାଭିଷେକ ଯାତ୍ରା, ଦୋଳ ଯାତ୍ରା, ଦମନକ, ଓ ଅକ୍ଷୟ ତୃତୀୟା । ଜଗନ୍ନାଥ ମହାପ୍ରଭୁଙ୍କର ବାରମାସରେ ତେରଯାତ୍ରା ଭିତରୁ ଚାରୋଟି ମହାନ୍ ଯାତ୍ରା ରହିଛି ସେଗୁଡିକ ହେଲା ଦୋଳ, ଚନ୍ଦନ ଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା। ବର୍ଷକୁ ଥରେ କାଳିଆର ରଥଯାତ୍ରା । ଏହି ରଥଯାତ୍ରା ପୂର୍ବରୁ ଅନୁଷ୍ଠିତ ହୁଏ ସ୍ନାନଯାତ୍ରା । ଯାହା ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମାରେ ପଡେ । ସ୍ନାନ ନିମନ୍ତେ ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ମୂର୍ତ୍ତିଙ୍କୁ ଆନନ୍ଦ ବଜାର ମଧ୍ୟରେ ଥିବା ସ୍ନାନ ମଣ୍ଡପକୁ ପହଣ୍ଡି କରି ଅଣାଯାଏ । ଜଗନ୍ନାଥଙ୍କୁ ୩୫ ଗରା, ବଳଭଦ୍ରଙ୍କୁ ୩୩ ଗରା, ସୁଭଦ୍ରାଙ୍କୁ ୨୨ ଗରା ଏବଂ ସୁଦର୍ଶନଙ୍କୁ ୧୮ ଗରା ଏହିପରି ୧୦୮ ଗରା ଜଳରେ ସ୍ନାନକରାଇ ସାରିଲାପରେ ଠାକୁରମାନଙ୍କୁ ଗଣେଶ ବା ହାତୀ ବେଶ ଗଣପତିଭକ୍ତଙ୍କ ପାଇଁ ସଜ୍ଜିତ କରାଯାଏ। ତା'ପରେ ଘଣ୍ଟ, ଛତା ଓ ସକାଳ ଧୂପ ଅଭଡା ଲାଗି ହୋଇଥାଏ । ସଂଧ୍ୟାରେ ସାହାଣମେଲା ବା ସର୍ବ ସାଧାରଣ ଲୋକଙ୍କର ଦର୍ଶନ ବ୍ୟବସ୍ଥା କରାଯାଇଥାଏ ଏବଂ ରାତି୧୦ ଟାରେ ସେହି ହାତୀବେଶ ମଇଲମ ବା ବେଶ କଢ଼ା ହେଲାପରେ ଠାକୁର ମାନଙ୍କର ଗୋଟି ପହଣ୍ଡି ଆରମ୍ଭ ହୋଇଥାଏ । ଠାକୁରମାନଙ୍କୁ ଶ୍ରୀମନ୍ଦିରକୁ ଅଣାଯାଏ। କିନ୍ତୁ ଠାକୁରମାନଙ୍କୁ ରତ୍ନ ସିଂହାସନ ଉପରକୁ ନିଆ ନ ଯାଇ ଅଣସର ପିଣ୍ଡିକୁ ନିଆଯାଏ । ମଧ୍ୟ ରାତ୍ରି ପରେ ମସ୍ତକରୁ ସୁନା ଚିତା ଓ ରାହୁରେଖା ମଇଲମ ବା ବାହାର କରାଯିବା ପରେ କର୍ପୁର ଆଳତୀ ସାରିବା ପରେ ଅଣସର ପିଣ୍ଡିକୁ ଠାକୁରମାନେ ବିଜେ କରିଥାନ୍ତି ଏବଂ ସେଠାରେ ଗୁପ୍ତପୂଜା ହୋଇଥାଏ । ଠାକୁରମାନେ ଗୋଟିଏ ପକ୍ଷ କଟାଇଥାନ୍ତି । ଅଣସର ପିଣ୍ଡି ଉପରେ ଠାକୁରମାନେ ପନ୍ଦର ଦିନ ଅର୍ଥାତ ସ୍ନାନ ପୂର୍ଣ୍ଣିମା ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି ।

ଅଣସର ବା ଅନବସର ଗୃହରେ ଠାକୁରମାନେ ଅବସ୍ଥାନ କରୁଥିବା ବେଳେ ସାଧାରଣ ଜନ ସାଧାରଣ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୁଅନ୍ତି କାରଣ ଠାକୁର ମାନଙ୍କୁ ଏହି ସମୟରେ ଜ୍ୱର ହୋଇଥାଏ । ବର୍ଷସାରା ମହାପ୍ରଭୁଙ୍କୁ ମନ୍ତ୍ର ସ୍ନାନ କରାଯାଇଥାଏ କିନ୍ତୁ ସ୍ନାନ ପୂର୍ଣ୍ଣିମାରେ ଜଳସ୍ନାନ କରାଯାଉଥିବାରୁ ମହାପ୍ରଭୁଙ୍କର ଶ୍ରୀଅଙ୍ଗରୁ ପ୍ରାକୃତିକ ଲେପନମାନ ଛାଡି ଯାଇଥାଏ । ତାଙ୍କୁ ସେ ଅବସ୍ଥାରେ ନ ଦେଖିବା ଲାଗି ତାଙ୍କ ଶ୍ରୀମୁଖକୁ ହାତୀବେଶରେ ସୁସଜ୍ଜିତ କରାଯାଇଥାଏ। ତେଣୁ ଏହି ସମୟରେ ସାଧାରଣ ଦର୍ଶନ ବାରଣ କରାଯାଇଥାଏ । ଅଣସର ସମୟରେ ଠାକୁରମାନଙ୍କୁ ବାଉଁଶ ତାଟିଘେରା ରୁଦ୍ଧ ପ୍ରକୋଷ୍ଠ ଭିତରେ ରଖା ଯାଇଥାଏ । ଏହାପରେ ଶ୍ରୀ ଅଙ୍ଗରୁ ରାହୁରେଖା, ଶ୍ରୀ ଜଗନ୍ନାଥଙ୍କ ହୀରା, ବଳଭଦ୍ରଙ୍କର ନୀଳା ଓ ସୁଭଦ୍ରାଙ୍କର ମାଣିକ୍ୟ ଚିତାମାନ ବାହାର କରାଯାଇ ଯଥା ସ୍ଥାନରେ ରଖାଯାଏ । ପଛପଟେ ଦାରୁବ୍ରହ୍ମ ଅଣସର ପିଣ୍ଡିରେ ଗୁପ୍ତପୂଜା ଓ ଉପଚାର ଚାଲିଥିବା ସମୟରେ ସମ୍ମୁଖରେ ତାଟି ପଡି ଚାରିପଟୁ ଘେରାଇ ଦିଆଯାଏ । ତାଟି ସମ୍ମୁଖରେ ଗୋଟିଏ ଖଟ ପକାଇ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀଙ୍କୁ ବସାଇ ଉପାସନା କରାଯାଏ। ଅଣସର ପିଣ୍ଡିର ଧୋକଡି ଦୁଆର ପାଖରେ ଚୋରାବାଟ ରହେ । ଏହି ସମୟରେ ଦଇତାପତି ସେବକ ମାନେ ନିଜ ଶରୀରରେ କୌଣସି ପ୍ରକାରର ଅଳଙ୍କାର ନ ପିନ୍ଧି କେବଳ ଶୁଭ୍ର ବସନ ପରିଧାନ କରି ନିଷ୍ଠାର ସହିତ ପ୍ରଭୁଙ୍କର ଗୁପ୍ତ ଶାବର ପୂଜା ସେବା କରିଥାନ୍ତି । ଚିତ୍ରକାରଙ୍କ ଘରୁ ଘଣ୍ଟ, ଛତା, କାହାଳୀ ସହ ତିନିବାଡର ପଟି ଠାକୁର ବାସୁଦେବ, ଭୁବନେଶ୍ୱରୀ ଓ ନାରାୟଣଙ୍କୁ ଅଣାଯାଇ ଜୟବିଜୟ ଦ୍ୱାର ଠାରେ ରଖାଯାଏ । ବଳଭଦ୍ର ବାଡ଼ରେ ଦୋଳଗୋବିନ୍ଦ, ରାମ ଓ ନୃସିଂହ, ସୁଭଦ୍ରା ବାଡ଼ରେ ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଜଗନ୍ନାଥଙ୍କ ବାଡ଼ରେ ମଦନମୋହନ ଓ କୃଷ୍ଣ ଏହିପରି ସାତ ମୂର୍ତିକୁ ତାଟି ଦେହରେ ସଜ୍ଜିତ କରି ବିଜେ କରାନ୍ତି । ଏହି ଦଶ ଯଥା ସାତ ମୂର୍ତ୍ତି ଓ ପଟି ଦେହରେ ତିନି ଠାକୁରଙ୍କୁ ଦଶାବତାର ଠାକୁର ବୋଲି କୁହାଯାଏ। ସମସ୍ତେ ବିଜେ ହେବାପରେ ଭୋଗରାଗ ଦୈନିକ ଅନୁଷ୍ଠିତ ହୁଏ । ଏହି ସମୟରେ ଶ୍ରୀଜୀଉମାନେ ପୂରା ବିଶ୍ରାମ ନିଅନ୍ତି । ମହାପ୍ରଭୁଙ୍କୁ ମହାପ୍ରସାଦ ଲାଗି ହୁଏନାହିଁ । ପଛିଦିଅଁଙ୍କର ଦୈନନ୍ଦିନ ପୂଜା ନୀତି ବଡପଣ୍ଡା ମାନଙ୍କ ଦ୍ୱାରା କରାଯାଏନାହିଁ ଦଇତା ଓ ପତି ମହାପାତ୍ର ବ୍ରାହ୍ମଣମାନେ (ବିଶ୍ୱାବସୁ ଓ ବିଦ୍ୟାପତିଙ୍କର ବଂଶଧର) ଠାକୁରମାନଙ୍କର ସେବା ପୂଜା କରନ୍ତି । ଅନବସର କାଳରେ ଅନ୍ନଭୋଗ ହୁଏନାହିଁ । ପ୍ରତିଦିନ ପଣା ଓ ନିସଙ୍ଖୁଡି ଭୋଗ ଦିଆଯାଏ । ସମସ୍ତ ପୂଜା ନୀତି ଅତି ଗୋପନୀୟ ଭାବେ ପାଳିତ ହୁଏ । ଏହି ଅନବସର ସମୟରେ ପ୍ରତିଦିନ ଦୁଧ, ଦହି, ମାଖନ, କୋରା, ନବାତ ଓ କର୍ପୂର ମିଶ୍ରିତ ପଣା ଦିଆଯାଏ । ରାତିରେ ପହୁଡ଼ ପୂର୍ବରୁ ଠାକୁରମାନଙ୍କୁ ଧୁଆମୁଗ ଓ ପଣସ ଭୋଗ ଦିଆଯାଏ । ଅନ୍ୟ ସମୟରେ ପଇଡ, ଅଙ୍ଗୁର, କମଳା, ଆମ୍ବ ଓ କଦଳୀ ପ୍ରଭୃତି କେତେକ ଫଳ ଭୋଗ ଦିଆଯାଏ । ଏହି ସମୟରେ ଠାକୁର ମାନଙ୍କୁ କେବଳ ଧଳା ଫୁଲ ଲାଗିହୁଏ। ଅଣସର ଭିତରେ ଲାଗି ହୋଇଥିବା ଫୁଲ ପଣା, ଚନ୍ଦନ,ଶ୍ରୀଅଙ୍ଗମାଳା କିଛି ବି ତାଟି ଫିଟିବା ପର୍ଯ୍ୟନ୍ତ ବାହାରକୁ ଆସେନାହିଁ ।

ଅନବସର ପନ୍ଦର ଦିନ ମଧ୍ୟରେ ଠାକୁରମାନଙ୍କ ମୂର୍ତ୍ତି ଗୁଡ଼ିକର ଜୀର୍ଣ୍ଣୋଦ୍ଧାର କରାଯାଏ । ପ୍ରତିପଦ ଠାରୁ ପଞ୍ଚମୀ ଅର୍ଥାତ୍ ପ୍ରଥମ ପାଞ୍ଚଦିନ ଠାକୁରମାନଙ୍କ ଶ୍ରୀ ଅଙ୍ଗରୁ ଲେପ (କର୍ପୂର , କସ୍ତୁରୀ, ଝୁଣା, ଚୁଆ ଚନ୍ଦନ ମିଶ୍ରିତ ଗୋଳା)କଢ଼ାଯାଏ । ଏହି ନୀତିକୁ କରାଳ କୁହାଯାଏ । ପୂର୍ବରୁ ହେରା ପଞ୍ଚମୀ ତିଥିରେ ଦୁଇଟି ମାଟିପାତ୍ରରେ ଘଣା ହୋଇଥିବା ରାଶିତେଲ ବିଭିନ୍ନ ପ୍ରକାରର ଔଷଧୀୟ ଦ୍ରବ୍ୟ ମିଶ୍ରଣ କରି ଅନେକ ସୁବାସିତ ଫୁଲ ମିଶାଇ ପ୍ରସ୍ତୁତ କରି ମାଟି ତଳେ ପୋତି ଘୋଡ଼ା ହୋଇ ରଖା ଯାଇଥାଏ । ଗୋଟିଏ ବର୍ଷ ପରେ ସେହି ତେଲକୁ ମାଟିରୁ ବାହାର କରି ବଡ଼ ଓଡିଆ ମଠ ପକ୍ଷରୁ ମନ୍ଦିରକୁ ପଠାଯାଏ ତାହାକୁ କୁହାଯାଏ ଫୁଲୁରୀ ତେଲ । ଷଷ୍ଠୀ ଦିବସରେ ବିଳମ୍ବିତ ରାତିରେ ପ୍ରଭୁଙ୍କ ଅଙ୍ଗରେ ମର୍ଦ୍ଦନ କରାଯିବାର ପରମ୍ପରା ରହିଛି । ସପ୍ତମ ଦିନ ଶ୍ରୀଅଙ୍ଗରେ ସୁବାସିତ ତୈଳ ସହ ରାଶିତେଲ ଚୁଆ, କର୍ପୂର ଘର୍ଷଣ କରାଯାଏ । ମାଲିସ ହେଲାପରେ ପ୍ରଭୁ ଜ୍ୱରରୁ ସୁସ୍ଥ ହୋଇ ଉଠନ୍ତି ବୋଲି ବିଶ୍ୱାସ । ଅଷ୍ଟମୀ ଦିନ ଶ୍ରୀ ଅଙ୍ଗରୁ ପୁରାତନ ପଟ୍ଟବସ୍ତ୍ର ବଦଳା ଯାଇ ନୂତନ ଶ୍ରୀକପଡ଼ା (ସୂକ୍ଷ୍ମ ପଟ୍ଟବସ୍ତ୍ର) ବନ୍ଧନ କରାଯାଏ । ନବମୀ ଦିନ ଶ୍ରୀ ଅଙ୍ଗରେ ରାଶିତେଲ ଓ ଝୁଣା ଲେପ ଦିଆଯାଏ । ଦଶମୀ ଦିନ ଶ୍ରୀ ଅଙ୍ଗରେ କସ୍ତୁରୀ , କୁଙ୍କୁମ, ଚନ୍ଦନ ଓ କର୍ପୂର ଲେପନ କରାଯାଏ । ଦଶମୂଳ ମୋଦକ ଦିଆଯାଏ । ଏକାଦଶୀ ଦିନ ଶ୍ରୀ ଅଙ୍ଗରେ ଚନ୍ଦନ ଲାଗି ହୁଏ । ଦ୍ୱାଦଶୀ ଦିନ ଶ୍ରୀ ଅଙ୍ଗରେ ଶୁକ୍ଳବସ୍ତ୍ର ଗୁଡ଼ାଇ ଲେପ ଦିଆଯାଏ । ତ୍ରୟୋଦଶୀ ଦିନ ଘଣାଲାଗିରେ ପାଟ ଡ଼ୋର ବଟା ଅରୁଆ ଚାଉଳ ଖଳି ଶ୍ରୀ ଅଙ୍ଗରେ ଲେପନ କରାଯାଏ ଏବଂ ତାହା ଉପରେ ଖଡ଼ି ଲାଗିହୁଏ । ଚତୁର୍ଦ୍ଦଶୀ ଦିନ ହିଁ ଠାକୁର ମାନଙ୍କର ଅଣସର ନୀତିର ଶେଷଦିନ। ଏହିଦିନ ଠାକୁର ମାନଙ୍କ ଶ୍ରୀଅଙ୍ଗ ଚିତ୍ରଣ କରାଯାଏ । ଦଶ ଅବତାର ଠାକୁରମାନଙ୍କୁ ଆଳତୀ ଅବକାଶ ନୀତି ପରେ ଦକ୍ଷିଣଘରର ଓ ଖଟ ଶେଯ ଘରକୁ ସ୍ଥାନାନ୍ତର କରାଯାଏ । ଅମାବାସ୍ୟା ଦିନ ଅଣସର ତାଟି ଫିଟାଯାଏ । ଠାକୁରମାନେ ରତ୍ନ ସିଂହାସନରେ ଉଭା(ବିଜେ) ହୋଇଥିବାରୁ ଏହାକୁ ଉଭା ଯାତ୍ରା କୁହାଯାଏ । ନୂତନ ରୂପରେ ଠାକୁର ମାନଙ୍କର ନବଯୌବନ ବେଶ ହୁଏ । ତାପରେ କଜ୍ଜଳ, କୁଙ୍କୁମ, ତେଲ, ଚୁଆ କଳା ଦେଇ ଠାକୁର ମାନଙ୍କର ନେତ୍ର ଉନ୍ମୋଚନ କରାଯାଏ ଏବଂ ଶ୍ରୀ ମନ୍ଦିର ଶିଖରରେ ନୂତନ ନେତ ବା ପତାକା ଲଗାଯାଏ । ତେଣୁ ଏହାକୁ ନେତ୍ରୋତ୍ସବ କୁହାଯାଏ । ଦଶାବତାର ଠାକୁରମାନେ ତିନିରଥରେ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି । ତେଣୁ ଗୁଣ୍ଡିଚାର ଅନ୍ୟନାମ ଆଡପ ଯାତ୍ରା ବା ଦଶାବତାର ଯାତ୍ରା ବୋଲି କୁହାଯାଏ । ଅନବସର ସମୟରେ ଭକ୍ତମାନେ ପୁରୀ ଶ୍ରୀ ମନ୍ଦିରରେ ଜଗନ୍ନାଥଙ୍କର ଦର୍ଶନ ନ ପାଇଁ ବ୍ରହ୍ମଗିରିରେ ଅଲାରନାଥଙ୍କୁ ଉପାସନା କରିଥାନ୍ତି । କାରଣ ଅଲାରନାଥ ବିଷ୍ଣୁ ବିଗ୍ରହ ହେଉଛନ୍ତି ଅଣସର ସମୟର ଶ୍ରୀ ଜଗନ୍ନାଥଙ୍କ ପ୍ରତିନିଧି । ଏହି ସମୟରେ ଜଗନ୍ନାଥ ଅଲାରନାଥ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ପୁରୀଠାରୁ ୨୫ କି. ମି. ଦୂରରେ ଅବସ୍ଥିତ ବ୍ରହ୍ମଗିରିର ଶ୍ରୀ ଅଲାରନାଥଙ୍କ ପୀଠ । ଏହି ଠାରେ ପ୍ରଭୁ ଚତୁର୍ଦ୍ଧାମୂର୍ତି ନାରାୟଣ ଅଲାରନାଥ ପୂଜା ପାଉଛନ୍ତି ।

# ମହଙ୍ଗା ମାଢ଼



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ସାଧାରଣତଃ ନିର୍ବାଚନ ପରେ ଆମ ଦେଶରେ ତେଜରାତି ଠାରୁ ଆରମ୍ଭ କରି ପନିପରିବା ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢିଥାଏ, ଏପରି ଏକ ଧାରଣା ଲୋକଙ୍କ ମନରେ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ସାଧାରଣ ନିର୍ବାଚନ ପରଠାରୁ ରହିଆସିଛି। କିନ୍ତୁ ଏହା ନିସନ୍ଦେହ ଯେ, ଲୋକଙ୍କ ମନରେ ଏପରି ଧାରଣା ଅମୂଳକ ନୁହେଁ। ଦେଶରେ ଅଷ୍ଟାଦଶ ଲୋକସଭା ଏବଂ ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଦୀର୍ଘ ୪୪ଦିନ ଦରି ଚାଲିଥିବା ପ୍ରକ୍ରିୟାରେ ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ଗତ ଜୁନ ମାସ ପହିଲାରେ ଶେଷ ହେବା ପରେ ନିର୍ବାଚନ ଫଳାଫଳ ଘୋଷଣା ନହେଉଣୁ ପ୍ରଥମେ ଅମୂଳର ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇଥିଲା। ପରେ ପରେ ଡାଲି, ଚାଉଳ, ଅଟା, ଖାଇବା ତେଲ ଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟସାମଗ୍ରୀ ସହ ଆଳୁ, ପିଆଜ ପନିପରିବା ଏବଂ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ପାଇଲାଣି ଏବଂ ଦିନକୁ ଦିନ ଦର ମଧ୍ୟ ବଢିବାରେ ଲାଗିଛି। ଗରିବ, ଅସହାୟଙ୍କଠାରୁ ଆରମ୍ଭ କରି ଧନୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆଳୁ ,ପିଆଜ, ଚାଉଳ, ଅଟା, ଡାଲି, ତେଲ, ଜୀବନ ଧାରଣ ପାଇଁ ଅତ୍ୟନ୍ତ ଦରକାରୀ ସାମଗ୍ରୀ ହୋଇଥିବାବେଳେ ଏହାର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ବଜାରରେ କେଜି ପ୍ରତି ୪୦ଟଙ୍କା ତଳକୁ ଚାଉଳ ନଥିବାବେଳେ ଆଳୁ ୪୦, ପିଆଜ ୫୦ଟଙ୍କାକୁ ଚଢିଲାଣି। ଅଥଚ ନିର୍ବାଚନ ସମୟରେ ବା ପୂର୍ବରୁ ଉଭୟ ଆଳୁ ପିଆଜର ଖୁଚୁରା ବଜାରରେ କେଜି ପ୍ରତି ମୂଲ୍ୟ ୨୫ଟଙ୍କା ତଳେ ଥିଲା। ସେହିପରି କୌଣସି ସବୁଜ ପନିପରିବାର ମୂଲ୍ୟ ଆଉ ୪୦ଟଙ୍କା ତଳେ ନାହିଁ। ଟମାଟୋ ୮୦ରୁ ୧୦୦ଟଙ୍କାରେ ବିକ୍ରୀ ହେଉଛି। ତେବେ ପନିପରିବାର ମୂଲ୍ୟ ତାତି ଓ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ହୋଇଥିବା କୁହାଯାଏ। ଫସଲକୁ ତାତି ଉଜାଡି ଦେଇଛି। ଉତ୍ପାଦନ ତୁଳନାରେ ଚାହିଦା ଅଧିକ ଥିବାରୁ ଦର ବଢିବା ସ୍ୱାଭାବିକ ବୋଲି କୁହାଯାଏ। କିନ୍ତୁ ଆଳୁ ପଶ୍ଚିମବଙ୍ଗରୁ ଏବଂ ପିଆଜ ମହାରାଷ୍ଟ୍ରର ନାସିକରୁ ଆମଦାନୀ ହୋଇଥାଏ। ସେଠାରେ ଦରବଢିଥିବାରୁ ପରିବହନ ବ୍ୟୟ ଓ ଲାଭ ପାଇଁ ଓଡିଶାରେ ଦର ବଢିଛି, ଯାହାକି ସ୍ୱାଭାବିକ ବୋଲି ଖୋଦ୍ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କହିଛନ୍ତି। ସରକାରୀ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ରିପୋର୍ଟ ଅନୁଯାୟୀ ଦେଶରେ ମୋଟ ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ପାଇଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ବଢିଚାଲିଛି। ଖାଉଟି ମୂଲ୍ୟାସୂଚ୍ୟାଙ୍କ ୧୩ ପ୍ରତିଶତରୁ ୨.୬ ପ୍ରତିଶତକୁ ବଢିଥିବାବେଳେ ହୋଲସେଲ ମୂଲ୍ୟ ସୂଚ୍ୟାଙ୍କ ୪.୭%କୁ ବୃଦ୍ଧି ପାଇଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତି ୮.୬୯ ପ୍ରତିଶତ ରହିଛି। ଏଥିରୁ ଖାଦ୍ୟସାମଗ୍ରୀ ସହ ବିଭିନ୍ନ ସାମଗ୍ରୀର ମୂଲ୍ୟ ନିର୍ବାଚନ ପରେ କିପରି ବଢି ଚାଲିଛି, ତାହା ବେଶ୍ ଅନୁମାନ କରାଯାଇପାରେ। ପନିପରିବାର ମୁଦ୍ରାସ୍ଫୀତି କ୍ରମାଗତ ଷଷ୍ଠ ମାସରେ ୨୭.୩ ପ୍ରତିଶତ ବଢିଥିବାବେଳେ ବର୍ଷକ ଭିତରେ ଅର୍ଥାତ ଅମଳ ମାସ ଠାରୁ ଆଳୁର ମୂଲ୍ୟ ୪୪ ପ୍ରତିଶତ, ପିଆଜ ୫୮ ପ୍ରତିଶତ, ଟମାଟୋ ୩୫ପ୍ରତିଶତ ବଢିଛି। ଅଦା, ରସୁଣ ପରି ସାମଗ୍ରୀ ଏବେ ଉପରମୁହାଁ। ପ୍ରତି ସପ୍ତାହରେ ଏହାର ମୂଲ୍ୟ ବଢିଚାଲିଥିବା ଖାଉଟି ଅଭିଯୋଗ କରନ୍ତି। କେବଳ ଏତିକି ନୁହେଁ, ଚାଉଳର ମୂଲ୍ୟ ୧୫ ପ୍ରତିଶତ ବଢିଥିବାବେଳେ ଗହମଜାତ ସାମଗ୍ରୀ ତଥା ଅଟାର ମୂଲ୍ୟ ୪.୭ ପ୍ରତିଶତ, ସୁଜି, ମଇଦା ଆଦି ୫.୭ ପ୍ରତିଶତ, ହରଡ ଡାଲି ପ୍ରାୟ ୩୦ପ୍ରତିଶତ, ଚଣା ଡାଲି ୧୭ପ୍ରତିଶତ, ମୁଗଡାଲି ୮.୫ ଶତାଂଶ ମହଙ୍ଗା ହୋଇଛି। ସେହି ଦୁଗ୍ଧ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଘରକରଣା ସାମଗ୍ରୀ ମଧ୍ୟ ମହରଗ ହୋଇଛି । ଏହା ନିସନ୍ଦେହ ଯେ, ନିର୍ବାଚନ ପୂର୍ବରୁ ଦରଦାମ ବୃଦ୍ଧି ନେଇ ଜନସାଧାରଣ ଯେଉଁ ଆଶଙ୍କା କରିଥିଲେ, ତାହା ସତ୍ୟରେ ପରିଣତ ହୋଇଛି। ନିର୍ବାଚନ ମାହୋଲ ଯାଇଛି, ନୂଆ ସରକାର ଉଭୟ କେନ୍ଦ୍ର ଓ ରାଜ୍ୟରେ ଗଠିତ ହୋଇଛି। କିନ୍ତୁ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଖାଉଟି ଏବେ ହନ୍ତସନ୍ତ। ଯାହାକି ହାଣ୍ଡିଶାଳ ଉପରେ ସିଧାସଳଖ ଚଡକ ପଡିଛି ବୋଲି କୁହାଗଲେ, ହୁଏତ ଅତିରଞ୍ଜିତ ହେବ ନାହିଁ। ଦରଦାମ ମଧ୍ୟ ଆହୁରି ବଢିବା ଆଶକାଙ୍କୁ ଏଡାଇ ଦେଇ ହେଉନାହିଁ। ଅତ୍ୟାବ୍ୟଶକୀୟ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ମହଜୁଦକାରୀ, କଳା ବେପାରୀଙ୍କୁ ସରକାର କେବଳ ଚେତାବନୀ ଦେଇ ଦରଦାମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇ ବିଭାଗୀୟ ମନ୍ତ୍ରୀ ବା ସରକାର ନିଜର ଦାୟିତ୍ୱ ସାରିଦେଇଛନ୍ତି। ମାତ୍ର ଦରଦାମ ନିୟନ୍ତ୍ରଣ କିପରି କରାଯାଇପାରିବ, ସେ ନେଇ ସରକାର ନୀରବ ରହିଥିବା ବେଳେ ଆମଦାନୀ ସ୍ଥାନରେ ମୂଲ୍ୟ ବଢିଥିବାରୁ ପରିବହନ ବ୍ୟୟ ଏବଂ ବ୍ୟବସାୟୀ ଲାଭ ଦୃଷ୍ଟିରୁ ରାଜ୍ୟରେ ଦରଦାମ ଠିକ୍ ରହିଥିବା କହି ମନ୍ତ୍ରୀ ହାତଟେକି ଦେଇଥିବା କୁହାଯାଇପାରେବ। ଏହା ନିସନ୍ଦେହ ଯେ, କେବଳ ପନିପରିବା ବ୍ୟତୀତ ଅନ୍ୟ ସାମ୍ରଗୀର ମୂଲ୍ୟ ଥରେ ବଢିଲେ, ତାହା ଆଉ କମିବାର ନାଁ ଧରେ ନାହିଁ। ନିର୍ବାଚନ ପରେ ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିବା ଯେଉଁ ଯେଉଁ ଜନରବ ହେଉଥିଲା, ତାହା ଭୁଲ ପ୍ରମାଣିତ ହୋଇଛି। ଗତ ୨୦୨୨ ମେ' ମାସଠାରୁ ଦେଶରେ ଇନ୍ଧନର ମୂଲ୍ୟ ସ୍ଥିର ରହିଛି। ଏବେ କେବେ ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିବ ତାକୁ ଅପେକ୍ଷା। ଯଦି ଇନ୍ଧନର ମୂଲ୍ୟ ବଢେ, ତେବେ ଆହୁରି ଦରଦାମ ବଢିବା ସହ ମୁଦ୍ରାସ୍ଫୀତି ଉପର ମୁହାଁ ହେବ, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଏଇ ମାଟି ମୋ ଚନ୍ଦନ

ନୂତନ କୁମାର ବେହେରା

ଏଇ ମାଟି ମୋ ଚନ୍ଦନ ଗଢ଼ି ଦିଏ ମୋ ଜୀବନ
ପାଦେ ତାର କୋଟି କୋଟି ମୋର ନମନ
ମା' କୋଳେ ଜନମି ଯେବେଠୁ ପଡ଼ିଛି ଲୋଟି
ଚାଲିଛି ଶିଖି କରମ ପଥରୁ ଯାଇନି ମୁଁ ହଟି
ଦେଉଛି ତା' ହୃଦୟରୁ ସ୍ନେହ ମମତା ଅନୁରାଗ
ଜୀବନର ପଥେ ମୋ ଆଣି ଦିଏ ସୌଭାଗ୍ୟ
ଯୋଗାଇ ଖାଦ୍ୟ ବସ୍ତ୍ର ବାସଗୃହ କରୁଛି ଯୋଗ୍ୟ
ହସ ଖୁସିରେ ରହି ମୁଁ କରୁଛି ଯେତେ ଉପଭୋଗ
ତା' ପାଣି ପବନ ମୋ ପ୍ରାଣକୁ ରଖେ ବଞ୍ଚାଇ
ଆଗକୁ ଆଗକୁ ନେଉଛି ମୋତେ ବାଟ ଦେଖାଇ
ଅଳି ଅର୍ଦ୍ଦଳି ମୋର ସହୁଛି ସବୁ ନକରି ଅଭିଯୋଗ
କୋଳେ ରହି ତାର ପାଏ ମୁଁ ସବୁ ସୁଯୋଗ
ଏଇ ମାଟି ମୋ ଚନ୍ଦନ ତାକୁ ପ୍ରଣମି ଜଣାଏ ସମ୍ମାନ
ଏଇ ମାଟି ଦିଏ ଆହାର ଯା' ଲାଗି ମୋ ଜୀବନ
ଶରଧା ଢ଼ାଳି ଜନନୀ ପରି ପାଳୁଛି ସିଏ ମୋତେ
ସର୍ବଂସହା ହୋଇ କରୁଛି ତ୍ୟାଗ ଅଯାଚିତେ
ରଖେ ସୁସ୍ଥ ସବଳ ମୋ ଶରୀର ରହେ ନିରୋଗ
ହସ ଖୁସି ଆନନ୍ଦ କେତେ ମୁଁ କରେ ସବୁ ଉପଯୋଗ
ବଣ ବିଲ ନଦୀ ପାହାଡ଼ ତାର ଲାଗେ ମନୋହର



ସୌନ୍ଦର୍ଯ୍ୟରେ ତାର ହୁଏ ମୁଁ ଯେ ଆତ୍ମବିଭୋର
ମନେ ବୁଣିଦିଏ ମୋର ପ୍ରେମ ପ୍ରୀତିର ପରାଗ
ମୋର ଭାବ ଭକ୍ତି ସବୁ ତା' ପାଇଁ କରେ ଉତ୍ସର୍ଗ
ତା' ସବୁଜ ଗଛ ଲତାରେ ଫୁଲ ଫୁଟେ ନାନା ଜାତି
ମହକି ମହକାଏ ମୋ ଘର ଅଗଣା ଦିନରାତି
ମୋ ସେବା ଯତନ ଲାଗି ଅଛି ତାର ଭାରି ସରାଗ
ଏଇ ମାଟି ମୋ ଚନ୍ଦନ ଶୀତଳ କରେ ସନ୍ତପ୍ତ ପ୍ରାଣ
ଫଳାଇ ସିଏ ପାଚିଲା ଫଳ ନିଏ ମୋ ମନ ମୋହି
ଅମୃତମୟ ସ୍ୱାଦ ତାର ଦିଏ ବହୁ ଯାତନା ସହି
ମୋ ବିକାଶ ପ୍ରକାଶ ଲାଗି ସଦା କରେ ସହଯୋଗ
ଶକ୍ତି ସାମର୍ଥ୍ୟ ଦିଏ ମୋତେ କରିବାକୁ ପ୍ରୟୋଗ
ବାପା ମା' ଆତ୍ମୀୟ ବନ୍ଧୁ ଶୁଭାକାଂକ୍ଷୀ କରନ୍ତି ଶ୍ରଦ୍ଧା
ଅତୁଟ ପବିତ୍ର ସଂପର୍କରେ ମୋ ଜୀବନ ଏଠି ବନ୍ଧା
ମାଆ ମାଟିର ବରଦାନ ପାଇ ହୁଏ ମୁଁ ଚିରଋଣୀ
ତା' ଯଶର ଟେକ ରଖି ହେବି ଦୁନିଆଁରେ ଅଗ୍ରଣୀ
ମାତୃଭୂମିର ଏକତା ସଂହତି ରଖିବି ମୁଁ ଅମ୍ଳାନ
ଏଇ ମାଟି ମୋ ଚନ୍ଦନ ତା' ପାଦେ କୋଟିଏ ନମନ।



ଝୋଡ଼ି, ଦାଣ୍ଡିପଡା, ମଣ୍ଡଭଞ୍ଜି
ଦୂରଭାଷ-୮୦୧୮୩୫୩୩୭୭

# ଯଶୋଧାରା

ସୁଜିତ କୁମାର ମିଶ୍ର



ଜହ୍ନରାତିହୀନ ଯାତନାର ମନ ଜତୁଗୃହ ଯଶୋଧାରା,
କପାଳଯେ ଫାଳ ଅଶୁଭଲଗନ କଷଟି ପଥରେ ପରା ।
କୋଟିଏ ସପନ ସୁରଭି ସୁମନ କଜଳ ନୟନେ କାହିଁ,
ବଇରାଗୀ ଭାବ ଅଭିଶାପ ସ୍ରାବ ବୈମାତୃକ ମଧୁଛାଇ ।

ମଲ୍ଲୀଫୁଲ ପରି ଭରା ଯଉବନ ମଉଳିଲା ମନଗଡେ,
ସିଦ୍ଧାର୍ଥ ଈଶ୍ୱର ଶ୍ରଦ୍ଧା ସାତପର ସୌଭାଗିନୀ ହୃଦ ଜଳେ।
ନିରୁଦ୍ଦିଷ୍ଟ ସିନା ନିର୍ମଳ ପ୍ରେମର ନୀରଭିଜା ମିଠାଭାବ,
ଗୋପନରେ କିନ୍ତୁ ଗୋପା ଗପଟିଏ ଗଗନ ତ୍ୟାଗର ରାଗ ।

ପରମେଶ୍ୱରଙ୍କ ପରମ ଇଚ୍ଛାକୁ ମଣିଲେ ପରମ ତପ,
ତେଜି ରାଜସୁଖ ସନ୍ନ୍ୟାସିନୀ ବେଶେ ତମସାକୁ କଲେ ଧୂପ ।
ପତି ପାଦଚିହ୍ନ ଛୁଇଁଲେ ପ୍ରୀତିରେ ପୁତ୍ର ରାହୁଲର ସଙ୍ଗେ,
ବିଳାସ ବସନ ବର୍ଜି ବିହ୍ୱଳିତ ବୌଦ୍ଧଧର୍ମ ଦିବ୍ୟରଙ୍ଗେ ।

ଶୂନ୍ୟ ହେଲା ପୂର୍ଣ୍ଣ ସୀମାହୀନ ଶାନ୍ତି ସରାଗ ଶରଣେ ରହି,
କୋଟି ସୌମ୍ୟଦୀପ ଯଶୋଧାରାରୂପ କାଳାନ୍ତରେ ଅବଗାହି ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

# ତମେ

ଡ. ଦୀପକ କୁମାର ମିଶ୍ର

ଶାଶ୍ୱତ ପଥର ପ୍ରହେଳିକା ତମେ
ନିରବ ମନର ଦ୍ୱନ୍ଦ୍ୱ
ଫୁଲ କଢ଼ିଟିଏ ମଉଳା ହୃଦୟେ
କଣ୍ଟକିତ ସୁବାସିତ ।।





ଯୌବନ ଗୀତର ଉଦ୍ଧୃତ ଶବ୍ଦଟେ
ବନ୍ଧନୀରେ ପ୍ରଶ୍ନଚିହ୍ନ
ପ୍ରିୟା ତମେ ପରା ଅପାସୋରା ସ୍ମୃତି
ପୁନେଇଁ ରାତିର ଜହ୍ନ ।।

ନିଦ ପରେ ପରେ ବାଉଳା ସ୍ୱପ୍ନର
ଗଭୀର ଦର୍ଶନ ତମେ
ନିରୋଳା ବେଳାର ନିକାଞ୍ଚନ ମନେ
ପ୍ରାତଃ ସ୍ମରଣଟି ତମେ ।।

ମୋର ତୃଷ୍ଣାମନେ ଅବିସ୍ମୃତ ଯେତେ
ରାଗରୁଷା ଅଭିମାନ
ଆଜି ବି ତୁମର କୋମଳ କପାଳେ
ଦିଶୁଚି ମୋର ଚୁମ୍ବନ ।।

ଅବସୋସ ତମେ ଏ ଜନ୍ମ ଆୟୁଷେ
ଜୀବନର ପ୍ରୀତି ଦାଗ
କରି ତ ପାରେନା ହୃଦୟୁ ବିୟୋଗ
ଯେତେ ଥାଉ ଅଭିଯୋଗ ।।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ଗୋଟେ ଝରାଫୁଲର ମୁକ୍ତି ସଂଗୀତ

ଚନ୍ଦନ କୁମାର ଦାସ

କେତେ ଆପଣାର
ଏ ଧୂଳି,ଏ ବାଲି ,ଏ ପଦପ୍ରାନ୍ତର
ଛୁଇଁ ଦେଲେ ସତେ କେତେ଼ ସରାଗରେ
ବୋଲି ହୋଇଯାଆନ୍ତି
ନିରବରେ, ନିମଗ୍ନରେ, ନିଃସର୍ତ୍ତରେ
କେମିତି ବା ନ ହେବ କହିଲ.. !

ସେ ତା ପାଇଁ ଖୋଜିନିଏ
ତୁମ ପାଦଚଲା ରାସ୍ତାର ଚାଖଣ୍ଡେ ଭୂମି
ଯେଉଁଠି ନିଇତି ତୁମେ ଝୁଣ୍ଟୁଥାଅ
ଆଘାତ ପାଇଲେ ବି ପଛକୁ ଫେର

ସେ ସିନା ନାଉଥିଲା
ଦୂରନ୍ତ ବାସ୍ନାରେ କାନ୍ତିର କୁଙ୍କୁମ
ସେଠି କିନ୍ତୁ ନା ଥିଲା
ଗୋଳାଏ ଧୂଆଁର ଉର୍ଦ୍ଧ୍ୱଗାମୀ ଉତ୍ସର୍ଜନ
ନା ଥିଲା ପ୍ରଜାପତିଙ୍କ ଡେଣାରେ ଲେଖାଥିବା
ଖଣ୍ଡେ କାକୁସ୍ଥ କାହାଣୀର ପ୍ରାକ୍ କଥନ
ନା ଭ୍ରମର ମାନଙ୍କ ଭ୍ରମହୀନ ବିଚ୍ଛେଦର ବିଜ୍ଞାପନ
ଗୋଟେ ଲଙ୍ଗଳା ନାଆକୁ
ନାଉରିଟାଏ ବାରମ୍ବାର ବାହିନେବାର
ମିଥ୍ୟା ପ୍ରତିଶ୍ରୁତିରେ

ପାଦକୁ ଆଉଁସି ଫିଙ୍ଗିଦିଅ
ଅଫେରା କିଛି ମୁହୂର୍ତ୍ତ ମାନଙ୍କୁ
ତୁମ ଅଗଣାରେ ଆଉଜି ଥିବା
ଅଲୋଡ଼ା, ଅଚିହ୍ନା ଘାସ ମାନଙ୍କ ଗହଳିକୁ
ବିଚାରିଟା ମୁକ୍ତି ପାଏ
ତୁମ ସେହି ଅନ୍ୟମନସ୍କ ଅଗଣାର
ଆଶାହୀନ ଆବର୍ଜନାର
କ୍ଷେଦହୀନ ଚାଖଣ୍ଡେ କ୍ଷେତ୍ରଫଳ ଭିତରେ



ଭୋଗରାଇ, ବାଲେଶ୍ୱର
ମୋ-୮୧୧୪୩୪୫୯୮୮

# ଥରେ ଆସି ଦେଖିଯାଅ

ସୁଦର୍ଶନ ମହାପାତ୍ର

ଦେଖ ସେଠି କିଏ ଠିଆ ରାସ୍ତାପରେ
ଦୟା ଭିକ୍ଷା କରେ କରୁଣ ସ୍ୱରରେ
ଅଭାଗିନୀଟିଏ ସତେ,
ବର୍ଷା ବା ଲୁହରେ ଭିଜିଛି ତା' ବାସ
ଲିଭି ଯାଇଛି କି ତା' ମୁହଁରୁ ହସ
ନିୟତିର ଅଭିଶାପେ ??

ଛାତିର ଲହୁକୁ ଢାଳି ଦେଇଥିଲା
ମମତାର ଫଲଗୁ ଆପେ ଝରିଥିଲା
କେଉଁ ସ୍ୱାର୍ଥ ଥିଲା କୁହ,
ମା' ଶବ୍ଦ କିଏ ପାଶୋରି ଦେଇଛି
ସୁଖ ସବୁ ତା'ର ଉଜାଡ଼ି ରଖିଛି
ତୁଟାଇ ଦେଇଛି ମୋହ ।।



ଘୋର ବରଷାରେ ହଜିଛି ତା' ତେଜ
ଗୋଟାଇ ପାରିନି କୁଢରୁ ଐଶ୍ୱର୍ଯ୍ୟ
ଦେହେ ତାତି ଜର ଜର,
ଦୁଇ ଦିନ ଧରି ଜଳି ନାହିଁ ଚୁଲି
ଭୋକ ଉପାସରେ ହୁଏ ନିଉଛାଳି
ହାତ ପାଦ ଥର ଥର ।।

ନଇଁ ପଡ଼ିଛି ସେ ପ୍ରଶ୍ନବାଚୀ ଭଳି
ଭାଗ୍ୟକୁ ନିନ୍ଦେ ସେ କାହା କଥା ଭାଳି
ଛାତିରେ ଉଚ୍ଛୁଳା କୋହ,
ଭଙ୍ଗା କୁଡ଼ିଆରେ ଭୋଗୁଛି ଦୁର୍ଦ୍ଦିନ
କେମିତି କାଟୁଛି ଅଲୋଡା ଜୀବନ
ଥରେ ଆସି ଦେଖିଯାଅ ।।

କୁଞ୍ଜବିହାରୀ ଲେନ, କଟକ
ମୋ-୯୪୩୮୧୭୫୫୪୨

# ପ୍ରତୀକ୍ଷା

ସିଦ୍ଧେଶ୍ୱର ତ୍ରିପାଠୀ

ସୁରୁଜ ପରଶ ପଦୁଅଁ ଲୋଡଇ
ଜୋଛନାକୁ ନୀଳ କଇଁ
ଘନକୁ ଚାତକ ଖୋଜୁଥାଏ ଯେହ୍ନେ
ମନ ଥାଏ ତୋତେ ଚାହିଁ ।

ଜଳ ବିକାଳିଟି ଖରାକୁ ଖୋଜଇ
ବରଷାକୁ ଚଷା ପୁଅ
ଶୀତ କାକରକୁ ବାଲୁତ ଖୋଜନ୍ତି
ବସନ୍ତ କୋଇଲି ମୋହ ।

ଯୋଗୀ ଖୋଜୁଥାଏ ଯୋଗ ପୁରୁଷଙ୍କୁ
ଭୋଗୀ ଖୋଜୁଥାଏ ଭୋଗ
ରୋଗୀ ଖୋଜୁଥାଇ ଟିକିଏ ଓଷଦ
ବଇଦ ଖୋଜଇ ରୋଗ ।

ମନ ଖୋଜୁଥାଏ ମନ ମିତଟିଏ
କବି କଳ୍ପନାର ଛାଇ
କିଏ ଜାଣେ କିଏ କେଉଁ ପ୍ରତିକ୍ଷାର
କେବେଠୁ ରହିଛି ଚାହିଁ ।



ଖୋର୍ଦ୍ଧା

# ସମୟ ଏକ ପାହାନ୍ତି ପହରର

ଅରୁଣ କୁମାର ଦାସ

ଥିଲା ଆକାଶରେ କାଳି ଜହ୍ନ
ଘୁମେଇ ପଡିଥିଲେ ରାସ୍ତାରେ
ଦିନ ତମାମ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡି ଯାଇଥିବା କୁକୁର ପଲ
କିନ୍ତୁ ପଡି ରହିଥିଲା ସେଇ ଚିହ୍ନ ।
ଶୁଭୁ ଥିଲା ଗାୟତ୍ରୀ ମନ୍ତ୍ରର ମୂର୍ଚ୍ଛନା
ଦୂର ଦେବାଳୟେ
ଭରି ଯାଉଥିଲା ମନେ ଏକ ଅନନ୍ୟ ଶିହରଣ
କିଚିରି ମିଚିରି ଶବ୍ଦରେ
କହୁ ଥିଲେ ସତେ ଯେପରି
ଜାଗି ଉଠ ତୁରିତେ
ନିଦ୍ରା ତେଜି ଶେଯରେ ।
ଶୋଇ ଯାଇଛ ନିଶ୍ଚନ୍ତରେ
ଦେଖି ପାରୁଥିଲି ତମଠି
ଆଲୁରା କେଶ ସହିତ ଏକ ପ୍ରସନ୍ନତାର ସଂକେତ ମୁହଁରେ
ଦିନ ତମାମ ଧାଁ ଧପଡ
ଏକ ଗୁରୁ ଦାୟିତ୍ୱକୁ କାନ୍ଧରେ ମୁଣ୍ଡେଇ
କେବେ ବି ନ ଥାଅ ଅରାଜିରେ ।
ଫେରିପାଇ ଥିଲି ସଂବିତ୍
ସଦ୍ୟ ପତି ହରା ମାଆର
ବୁକୁ ଫଟା ଆର୍ତ୍ତ ଚିତ୍କାର



କଣ ଶୋଇନ ଏ ଯାଏଁ
ପ୍ରଶ୍ନ ଥିଲା ତମର
ନିଦ ତ ହଜି ଯାଇଛି
ସେ ଦିନୁ
ଯେବେଠୁ
ଛାତି ଭିତରର କଳିଜା ଦୁଇ ଫାଳ ହୋଇଛି ।

ଶିକ୍ଷକ
ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପଂତୁରୀ, ଧର୍ମଶାଳା ବ୍ଲକ, ଯାଜପୁର
ମୋ-୯୯୩୮୭୩୩୦୭୫

# ହେଲାନାହିଁ ଲେଉଟାଣ

ସ୍ନିଗ୍ଧା ପଣ୍ଡା

ଆସିଥିଲୁ ଯଦି ଆଉ କିଛି ବେଳ ରହିବାର ଥିଲା ତୋର
ଆଖିରେ ଥରଟେ ଭରି ପାରିନାହିଁ ପଲକରୁ ହେଲୁ ଦୂର
ଯେତିକି ପାରିଲି ସେତିକି ସାଉଁଟି ସାଇତିବା ସରିନାହିଁ
ଫେରିଯିବା ବେଳ ଆସିଗଲା କହି ମୁରୁକି ହସିଲୁ ଚାହିଁ

ଆସେ ବୋଲି ଥରେ ମୋର ଡାକିବାରେ ଊଣା ରହିଯାଏ କହୁ
ଆସିଥିଲୁ ଯେବେ ସେ ଦିନ ବି ତତେ ଡାକିନାହିଁ ଭୁଲିଯାଉ
କଥାରେ ତତେ ମୁଁ ଡାକିବି କାହିଁକି ମନେ ଖୋଜି ଦିନ ସରେ
ମନ ବୁଝିବାକୁ ମନ ନାହିଁ ତୋର ଜାଣିଲି ତୁ ଗଲା ପରେ



ଯେ ଦିନ କହିଲୁ ଆସିଲି ଫେରିଲି ଘଟଣା ହିଁ ଘଟିନାହିଁ
ସେ ଦିନରୁ ତୋର ଆସିବା ଫେରିବା ଚାଲୁଛି ମୋ ଛାଇ ହୋଇ
ପାଦ ଚିହ୍ନ ତୋର କାଳେ ଲିଭିଯିବ ସଫା କରୁନାହିଁ ଘର
କବାଟ ଝରକା ଖୋଲୁନାହିଁ କାଳେ ବାସ୍ନା ଉଡିଯିବ ତୋର

ଆଉ ଥରେ ପୁଣି ଆସିବୁ କହିଲୁ ବୁଝିବାକୁ ଖାଲି ମନ
ବାଟ ଜଗି ଯୁଗ ସରି ତ ଗଲାଣି ହେଲାନାହିଁ ଲେଉଟାଣ !



ମୋ-୯୮୬୧୩୨୩୬୫୦

# ବିଶ୍ୱକପ୍ ବଦଳରେ ରାହୁଲ ଓ ରୋହିତଙ୍କ ହାତ ଧରିଲେ ମୋଦି



**ନୂଆଦିଲ୍ଲୀ**

ବାର୍ବାଡସ୍‌ରେ ଟି-୨୦ ବିଶ୍ୱକପ ଜିତିବା ପରେ ଗୁରୁବାର ଭାରତୀୟ ଦଳ ସ୍ୱଦେଶ ଫେରିଛି । ସକାଳ ୬ଟାରେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ଟିମ୍‌ର ସଦସ୍ୟମାନେ ଦିନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ । ବିଶ୍ୱକପ ଓ ଭାରତୀୟ ଟିମ୍ ସହ ପ୍ରଧାନମନ୍ତ୍ରୀ ବେଶ୍ କିଛି ସମୟ ଆଲୋଚନା କରିଥିଲେ । ଏହାପରେ ସମସ୍ତେ ଗୋଟିଏ ଫଟୋ ଉଠାଇଛନ୍ତି । ତେବେ ସାମ୍ନାକୁ ଆସିଥିବା ଫଟୋ ସମସ୍ତଙ୍କୁ ଚକିତ କରିଛି । ଫଟୋ ଉଠାଇବା ବେଳେ ପ୍ରଧାନମନ୍ତ୍ରୀ ଟି-୨୦ ବିଶ୍ୱକପ ଟ୍ରଫିକୁ ସ୍ପର୍ଶ କରି ନାହାନ୍ତି । ସେ ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ଼ଙ୍କ ହାତକୁ ଧରି ଫଟୋ ପୋଜ୍ ଦେଇଛନ୍ତି ।

ରାହୁଲ ଓ ରୋହିତ ନିଜ ନିଜର ଗୋଟିଏ ହାତରେ ଟ୍ରଫି ଧରିଛନ୍ତି । ଟ୍ରଫିଟି ପ୍ରଧାନମନ୍ତ୍ରୀ ମୋଦିଙ୍କ ସାମ୍ନାରେ ରହିଛି । ହେଲେ ସେ ଟ୍ରଫି ବଦଳରେ ନିଜର ଦୁଇ ହାତରେ ରାହୁଲ ଓ ରୋହିତଙ୍କ ହାତକୁ ଧରି ଫଟୋ ଉଠାଇଛନ୍ତି । ମୋଦିଙ୍କ ଏଭଳି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କୁହାଯାଏ ଯେ ଟ୍ରଫି ଓ ମେଡାଲକୁ କେବଳ ବିଜୟୀ ଟିମ୍‌ର ସଦସ୍ୟ ବା ଆଥ୍‌ଲେଟ୍‌ମାନେ ସ୍ପର୍ଶ କରିବା ଦରକାର । କାରଣ ସେମାନେ ପରିଶ୍ରମ କରି ଏହାର ହକଦାର ବନିଛନ୍ତି । ସମ୍ଭବତଃ ଉକ୍ତ କାରଣ ପାଇଁ ମୋଦି ବିଶ୍ୱକପ ଟ୍ରଫିକୁ ସ୍ପର୍ଶ କରି ନଥିବା ଚର୍ଚ୍ଚା ହେଉଛି । କାରଣ ୧୩ ବର୍ଷ ପରେ ଭାରତୀୟ ଟିମ୍‌ର ସଦସ୍ୟମାନେ ହିଁ ପରିଶ୍ରମ କରି ଦେଶ ପାଇଁ ଟ୍ରଫି ହାତେଇଛନ୍ତି । ତେଣୁ ମୋଦି ଟ୍ରଫିର ହକଦାର କେବଳ ଖେଳାଳି ଓ କୋଚ୍ ବୋଲି ଜଣାଇବାକୁ ଏପରି କରିଛନ୍ତି ।

ଅନ୍ୟପକ୍ଷରେ ଗୁରୁବାର ବିସିସିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନମୋ ଜର୍ସି ମଧ୍ୟ ଉପହାର ଆକାରରେ ଦିଆଯାଇଛି । ମୋଦିଙ୍କ ସହ ବୈଠକ ପରେ ଖେଳାଳିମାନେ ଦିଲ୍ଲୀ ଏୟାରପୋର୍ଟ ଯାଇଥିଲେ । ସେଠାରୁ ସେମାନେ ମୁମ୍ବାଇ ଆସିଥିଲେ ।

# ଜନସମୁଦ୍ର ପାଲଟିଲା ମେରାଇନ୍ ଡ୍ରାଇଭ୍ : ବିଜୟ ରଥରେ ବିଶ୍ୱ ବିଜେତା



**ମୁମ୍ବାଇ**

ଜନସମୁଦ୍ର ପାଲଟିଲା ମୁମ୍ବାଇର ମେରାଇନ ଡ୍ରାଇଭ । ଯେଉଁଆଡ଼େ ଚାହିଁଲେ କେବଳ ଲୋକ ହିଁ ଲୋକ । ଗୋଟିଏ ପଟେ ସମୁଦ୍ର ଓ ଆଉ ଗୋଟିଏ ପଟେ ଜନସମୁଦ୍ର । କେବଳ ଶୁଭୁଥିଲା ଟିମ୍ ଇଣ୍ଡିଆ ଟିମ୍ ଇଣ୍ଡିଆ ନାରା । ଖୁସିରେ ସମସ୍ତଙ୍କ ଆଖି ଜକେଇ ଆସିଥିଲା । ପ୍ରବଳ ବର୍ଷା ହେଉଥିଲା ସତ କିନ୍ତୁ ଲୋକଙ୍କ ଉତ୍ସାହରେ ଏହା କୌଣସି ପ୍ରକାରର ଫରକ ପକାଇ ପାରି ନଥିଲା । ଏମିତି କିଛି ଦୃଶ୍ୟ ଗୁରୁବାର ୧୩ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିବା ଭାରତୀୟ କ୍ରିକେଟର ବିଜୟ ଶୋଭାଯାତ୍ରା ବେଳେ ଦେଖିବାକୁ ମିଳିଥିଲା ।

ଏହାପୂର୍ବରୁ ଭାରତୀୟ ଟିମ୍ ଭିସ୍ତାରା ବିମାନରେ ଦିଲ୍ଲୀରୁ ମୁମ୍ବାଇ ଆସିଥିଲେ । ବିମାନ ରନୱେରେ ପହଞ୍ଚିଲା ବେଳେ ୱାଟର ସାଲ୍ୟୁଟ ମାଧ୍ୟମରେ ଟିମ୍‌ର ସଦସ୍ୟମାନଙ୍କୁ ନେଇ ଆସୁଥିବା ବିମାନକୁ ସ୍ୱାଗତ କରାଯାଇଥିଲା । ଏହାପରେ ଟ୍ରଫି ସହ ଟିମ୍ ଇଣ୍ଡିଆର ସଦସ୍ୟମାନେ ଖୋଲା ବସ୍‌ରେ ଶୋଭାଯାତ୍ରା ଆରମ୍ଭ କରିଥିଲା । ସେମାନେ ଶୋଭାଯାତ୍ରା କରି ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତର ମୂକସାକ୍ଷୀ ବନିବା ପାଇ ମେରାଇନ ଡ୍ରାଇଭ ପାଲଟିଥିଲା ଜନସମୁଦ୍ର ।

ଅଧିନାୟକ ରୋହିତ ଶର୍ମା ଟ୍ରଫି ଧରି ଶୋଭାଯାତ୍ରାର ଲିଡ୍ କରୁଥିବା ବେଳେ ଅନ୍ୟମାନେ ମଧ୍ୟ ସାଧାରଣ କ୍ରିକେଟ ଫ୍ୟାନ୍ସଙ୍କ ଅଭିବାଦନ ଗ୍ରହଣ କରିଥିଲେ । ୱାଙ୍ଖଡେ ଷ୍ଟାଡିୟମକୁ ଯିବା ଯାଏ ଖେଳାଳିଙ୍କ ଉପରେ ସ୍ଥାନେ ସ୍ଥାନେ ଫୁଲବର୍ଷା ମଧ୍ୟ ହୋଇଥିଲା ।

୨୦୦୭ରେ ଭାରତ ଟି-୨୦ ବିଶ୍ୱକପ ଜିତି ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୁରୁବାରର ବିଜୟ ଶୋଭାଯାତ୍ରା ଆହୁରି ଭବ୍ୟ ଓ ବିଶାଳ ହୋଇଛି । ଟିମ୍ ଇଣ୍ଡଆର ସଦସ୍ୟମାନେ ବିଜୟ ଶୋଭାଯାତ୍ରା କରୁଥିବା ବସ୍‌ରେ ବିଶ୍ୱକପ ଜିତିବା ବେଳେ ହୋଇଥିବା ସେଲିବ୍ରେସନର ଫଟୋ ରହିଥିଲା । ଏହି ବସ୍‌ରେ ଖେଳାଳିଙ୍କ ଶୋଭାଯାତ୍ରା ନରିମଣ ପଏଣ୍ଟରୁ ଆରମ୍ଭ ହୋଇ ଦେଢ଼ କିମି ଦୂରରେ ଥିବା ୱାଙ୍ଖଡେ ଯାଏ ଚାଲିଥିଲା । ଏହାକୁ ଦେଖିବାକୁ ମେରାଇନ ଡ୍ରାଇଭରୁ ୱାଙ୍ଖଡେ ଯାଏ ହଜାର ହଜାର ଲୋକ ଉପସ୍ଥିତ ରହିଥିଲେ ।

ସେହିପରି ୱାଙ୍ଖଡେ ଷ୍ଟାଡ଼ିୟମ ଭିତରେ ହେବାକୁ ଥିବା ବିଜୟ ଉତ୍ସବ କାର୍ଯ୍ୟକ୍ରମକୁ ମଧ୍ୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ବର୍ଷା ହେଉଥିଲେ ମଧ୍ୟ ଲୋକମାନେ ଏହାକୁ ଖାତିର ନ କରି ନିଜ ପ୍ରିୟ ଖେଳାଳି ଓ ବିଶ୍ୱକପ ଟ୍ରଫି ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱ ଓ ଷ୍ଟାଡିୟମରେ ଏକାଠି ହୋଇଥିଲେ ।

# ରୋମ୍‌ରେ ଚମକିବେ ୬ ଓଡ଼ିଆ



**ନୂଆଦିଲ୍ଲୀ**

ରୋମରେ ଚମକିବେ ଛଅ ଓଡ଼ିଆ ଆଗକୁ ରୋମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଆଇଟିଟିଏଫ ୱାର୍ଲଡ ମାଷ୍ଟର୍ସ ଟେବୁଲ ଟେନିସ୍ ଚାମ୍ପିୟାନସିପରେ ଯୋଗଦେବେ ୬ ଜଣ ଓଡ଼ିଆ । ରାଜ୍ୟରୁ ଦେବଦତ୍ତ ମହାନ୍ତି, ତ୍ରୈଲୋକ୍ୟ ନାଥ ରାଉତ, ସ୍ମୃତିରଞ୍ଜନ ଦାସ, ପି.କେ. ସାମନ୍ତ ରାୟ, ବିଜନ ଦାସ ମହାପାତ୍ର ଓ ସନ୍ଦୀପ ଚକ୍ରବର୍ତ୍ତୀ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଜୁଲାଇ ୬ ରୁ ୧୪ ତାରିଖ ଯାଏ ଏହି ପ୍ରତିଯୋଗିତା ହେବାକୁ ଥିବା ବେଳେ ମାଷ୍ଟର୍ସର ବିଭିନ୍ନ ବର୍ଗରେ ଏହି ସମସ୍ତ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ବିଭିନ୍ନ ଦେଶରୁ ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବା ବେଳେ ଭାରତରୁ ମଧ୍ୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶାରୁ ଅଂଶଗ୍ରହଣ କରୁଥିବା ସମସ୍ତ ଖେଳାଳି ନିଜ ବର୍ଗରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି ।

# ବିବାହ ବାର୍ଷିକୀରେ ଭିନ୍ନ ଅନ୍ଦାଜରେ ନଜର ଆସିଲେ ଧୋନି



**ନୂଆଦିଲ୍ଲୀ**

ଦେଶକୁ ପ୍ରଥମ ଟି-୨୦ ବିଶ୍ୱକପ ଦେଇଥିବା କ୍ୟାପ୍‌ଟେନ ମହେନ୍ଦ୍ର ସିଂ ଧୋନି ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ସେ ଖେଳନ୍ତୁ ଅବା ନ ଖେଳନ୍ତୁ, କିଛି ନା କିଛି କାରଣକୁ ନେଇ ସେ ଚର୍ଚ୍ଚାକୁ ଆସିଥାଆନ୍ତି । ଏବେ ସେ ଚର୍ଚ୍ଚାରେ, ଏହାର କାରଣ ହେଉଛି ତାଙ୍କ ସହ ସ୍ତ୍ରୀ ସାକ୍ଷୀଙ୍କର ଏକ ନୂଆ ଭିଡିଓ । ଧୋନି ଏବଂ ସାକ୍ଷୀଙ୍କ ବିବାହ ବାର୍ଷିକୀ ୪ ଜୁଲାଇରେ ହୋଇଥିଲା । ଏହି ଅବସରରେ ଦୁହେଁ କେକ୍ କାଟିଥିଲେ । ଉଭୟଙ୍କ ଏହି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରା ହେଉଛି । ଦୁହେଁ ନିଜ ଘରେ ଏହି କେକ୍ କାଟି ଅତି ସରଳ ଢଙ୍ଗରେ ବିବାହ ବାର୍ଷିକୀ ପାଳନ କରିଥିଲେ । ଦୁହେଁ ୧୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି ।

# ରାଜ୍ୟରେ ୫ଲକ୍ଷ ଚାରା ଲଗାଇବ ଉଚ୍ଚ ଶିକ୍ଷା ବିଭାଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଶାଖା ଓ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ମିଳିତ ସହଯୋଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କେବଳ ଚାରାଟିଏ ପୋତିଦେଲେ ହେବ ନାହିଁ, ବରଂ ତାହାକୁ ବୃକ୍ଷରେ ରୂପାନ୍ତରିତ କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅଭିଯାନରେ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାରା ରାଜ୍ୟରେ ୫ ଲକ୍ଷ ଚାରାରୋପଣ କରାଯିବ । ଏକାମ୍ର ବିଧାୟକ ବାବୁ ସିଂହ, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଶ୍ରୀସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଏନ୍‌ଏସ୍‌ଏସ୍ ତଥା ଉଚ୍ଚଶିକ୍ଷା ବିଭାଗ ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଇତିଶ୍ରୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଂପ୍ରୀତ୍ ପଣ୍ଡା ଧନ୍ୟବାଦ ଦେଇଥିଲେ । ଶୁଭ୍ରାଂଶୁ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାଜଧାନୀର ମହାବିଦ୍ୟାଳୟର ୨୦୦ରୁ ୧୪ଟି ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ମାନବଶୃଙ୍ଖଳ କରାଯାଇଥିଲା ।

## ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଉଦ୍ଧାର

# ହାତୀଦାନ୍ତ ସହ ଜଣେ ଗିରଫ : ବନପାଳ ନିଲମ୍ବିତ

**ଛେଣ୍ଡିପଦା, ନ୍ୟୁଜ୍‌ବ୍ୟୁରୋ**

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡ଼ା ବନାଞ୍ଚଳର ପରା ସଂରକ୍ଷିତ ଜଙ୍ଗଲର ମକରକନ୍ଦା ନାଳରୁ ଏକ ଦନ୍ତାହାତୀର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ବନବିଭାଗ ପକ୍ଷରୁ ଜଣେ ବନପାଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ଏହାସହ ହାତୀ ଦାନ୍ତ ଚୋରି ଅଭିଯୋଗରେ ଜଣେ ଗାଈ ଚରାଳିଙ୍କୁ ବନ ବିଭାଗ ଗିରଫ କରି ଅଦାଲତ ଚାଲାଣ କରିଛି । ସମ୍ପୃକ୍ତ ଅଭିଯୁକ୍ତଠାରୁ ଦୁଇଟି ହାତୀଦାନ୍ତ ଜବତ କରାଯାଇଛି । ସୂଚନା ମୁତାବକ ଜୁନ୍ ୨୮ରେ ଜରପଡ଼ା ବନାଞ୍ଚଳର ହାତୀ ସ୍କ୍ୱାଡ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ପରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଦୁଇଟି ପାହାଡ଼ ଖୋଲ ଦେଇ ଯାଇଥିବା ମକରକନ୍ଦା ନାଳରେ ଏକ ଦନ୍ତାହାତୀର ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ହାତୀର ମୃତଦେହଟି ପଚିଶଢ଼ି ଯାଇଥିଲା । ଡାକ୍ତରୀ ଦଳଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା । ଉକ୍ତ ହାତୀର ଦାନ୍ତ ଚୋରି ହୋଇଥିବା ନେଇ ତଦନ୍ତ ବେଳେ ବନବିଭାଗ ଜାଣିବାକୁ ପାଇଥିଲା । ଏହାର ତଦନ୍ତ ପାଇଁ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା । ମୃତ ହାତୀର ଦୁଇଟି ଦାନ୍ତ ଗାଏବ ହୋଇଯାଇଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ଜାଲ ବିଛା ଯାଇଥିଲା । କର୍ତ୍ତବ୍ୟରେ ଅବହେଳା ପାଇଁ ପରା ବିଟ୍ ଦାୟିତ୍ୱରେ ଥିବା ବନପାଳ ଦୁଃଖବନ୍ଧୁ ନାଏକଙ୍କୁ ବନ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି । ଅପରପକ୍ଷେ ଦାନ୍ତ ଚୋରିକୁ ନେଇ ବନ ବିଭାଗ ତନ୍ନ ତନ୍ନ ଯାଞ୍ଚ କରିବାରୁ କିଛି ଗାଈ ଚରାଳି ହାତୀ ଦାନ୍ତକୁ ନେଇଯାଇଥିବା ସନ୍ଦେହ ଉପୁଜିଥିଲା । ପରେ ବନ କର୍ମଚାରୀମାନେ ସାଦା ପୋଷାକରେ ଗାଈ ଚରାଳିଙ୍କ ସହ ହାତୀ ଦାନ୍ତ କ୍ରୟ କରିବା ନେଇ ମୂଲଚାଲ କରିଥିଲେ । ଜଣେ ଗାଈ ଚରାଳି ୧୦ ହଜାର ଟଙ୍କାରେ ହାତୀ ଦାନ୍ତ ଦେବାକୁ ମୂଲଚାଲ କରିଥିଲେ । ପରେ ଗାଈ ଚରାଳି ରୋଡସିଙ୍ଗା ଗ୍ରାମର ରୋହିତ ବେହେରା ୧୦ହଜାର ଟଙ୍କାରେ ହାତୀଦାନ୍ତାକୁ ବିକ୍ରି କରିବାକୁ ସମ୍ମତି ଜଣାଇଥିଲା । ବିକ୍ରି ବେଳେ ମୂଲଚାଲ କରୁଥିବା ଲୋକମାନେ ବନବିଭାଗର କର୍ମଚାରୀ ବୋଲି ଜାଣିପାରି ରୋହିତ ବିଭାଗୀୟ କର୍ମଚାରୀଙ୍କୁ ଚକ୍‌ମା ଦେଇ ଗ୍ରାମରୁ ଫେରାର ହୋଇଯାଇଥିଲା । ତାଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଜାଲ ବିଛା ଯାଇଥିଲା । ଆଠମଲ୍ଲିକର କୁର୍ଦ୍ଦିବାସପୁରସ୍ଥିତ ତାଙ୍କ ଶ୍ୱଶୁର ଘରେ ସେ ରହିଥିବା ବନ କର୍ମଚାରୀମାନେ ଜାଣି ପାରିଥିଲେ । କୁର୍ଦ୍ଦିବାସପୁର ଗ୍ରାମରେ ପହଞ୍ଚି ରୋହିତଙ୍କୁ ତାଙ୍କ ଶ୍ୱଶୁର ଘରୁ ବନ କର୍ମଚାରୀମାନେ ଗିରଫ କରିଥିଲେ । ରୋହିତଙ୍କଠାରୁ ମୃତ ହାତୀର ଦୁଇଟି ଦାନ୍ତକୁ ଜବତ କରାଯାଇଥିଲା । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ମାସକରେ ଦୁଇଟି ଅଭାବନୀୟ ଘଟଣା

# ଘର ନିକଟରେ ମହିଳାଙ୍କୁ ଉଦରସ୍ଥ କରିଦେଲା ଅଜଗର

**ଇଣ୍ଡୋନେସିଆ**

ଇଣ୍ଡୋନେସିଆରେ ଅଜଗର ସାପଙ୍କ ତାଣ୍ଡବ ବଢ଼ିବାରେ ଲାଗିଛି । ଏଠାରେ ଲୋକ କାମ କରୁଥିବା ବେଳେ ଅଜଗର ଗିଳି ଉଦରସ୍ଥ କରିଦେଉଥିବା ଘଟଣା ବଢ଼ିବାରେ ଲାଗିଛି । ଦୁଇ ସପ୍ତାହ ତଳେ ଦକ୍ଷିଣ ଇଣ୍ଡୋନେସିଆରେ ଏଭଳି ଏକ ଘଟଣା ଘଟିବା ପରେ ପୁଣି କେନ୍ଦ୍ରୀୟ ଇଣ୍ଡୋନେସିଆରେ ଗତକାଲି ସମାନ ଘଟଣା ଦେଖିବାକୁ ମିଳିଛି । କେନ୍ଦ୍ରୀୟ ଇଣ୍ଡୋନେସିଆର ମାକାସାର ଅଞ୍ଚଳରେ ଜଣେ ମହିଳାଙ୍କୁ ଅଜଗର ଗିଳି ଦେଇଥିଲା ବେଳେ ବୁଧବାର ସାପ ପେଟରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ପୁଲିସ କହିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସକାଳେ ୩୬ ବର୍ଷୀୟା ମହିଳା ସିରିଆତି ତାଙ୍କର ଅସୁସ୍ଥ ଶିଶୁ ପାଇଁ ଔଷଧ କିଣିବାକୁ ଯାଇ ଆଉ ଘରକୁ ଫେରି ନଥିଲେ । ପରେ ପରେ ତାଙ୍କ ସମ୍ପର୍କୀୟମାନେ ସିରିଆତିଙ୍କ ଖୋଜଖବର ନେଇଥିଲା ବେଳେ ଗାଁ ଠାରୁ ମାତ୍ର ୫୦୦ ମିଟର ଦୂରରେ ସିରିଆତିଙ୍କ ସ୍ୱାମୀ ତାଙ୍କର ଚପଲ ଏବଂ ପ୍ୟାଣ୍ଟ ପଡ଼ିଥିବା ଦେଖିଥିଲେ । ଏହି ସମୟରେ ପ୍ରାୟ ୧୦ ମିଟର ଦୂରରେ ଏକ ବିଶାଳକାୟ ଅଜଗର ରାସ୍ତାରେ ପଡ଼ି ରହିଥିବା ସିରିଆତିଙ୍କ ସ୍ୱାମୀ ଆଦିଆଂଶା ଦେଖିଥିଲେ । ପରେ ପରେ ସେ ଗାଁ ଲୋକଙ୍କୁ ଡାକି ସାପର ପେଟ ଚିରି ଦେଖିବାରୁ ସିରିଆତିଙ୍କ ମୃତଦେହ ମିଳିଥିଲା । କିଛି ବର୍ଷ ମଧ୍ୟରେ ଇଣ୍ଡୋନେସିଆର ବିଭିନ୍ନ ଅଞ୍ଚଳରେ ମଣିଷକୁ ଅଜଗର ଗିଳି ଉଦରସ୍ଥ କରିବା ଘଟଣା ବଢ଼ିବାରେ ଲାଗିଥିବାରୁ ଏଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ପୋଲ୍ ସର୍ଭେ

# ବାଇଡେନଙ୍କ ତୁଳନାରେ କମଳା ହାରିସ୍‌ଙ୍କ ବିଜୟ ସମ୍ଭାବନା ଅଧିକ

**ୱାଶିଂଟନ**

ଆସନ୍ତା ନଭେମ୍ବରରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ । ଏଥିପାଇଁ ଏବେ ଠାରୁ ରାଜନୀତିକ ଉଷ୍ମତା ବଢ଼ିବାରେ ଲାଗିଛି । ଦୁଇ ପ୍ରମୁଖ ଦଳ ଡେମୋକ୍ରାଟିକ୍ ପାର୍ଟି ଏବଂ ରିପବ୍ଲିକାନ୍ ପାର୍ଟି ମଧ୍ୟରେ ଲଢେଇ ହେବାକୁ ଯାଉଥିବା ବେଳେ ରାଷ୍ଟ୍ରପତି ଜୋ ବାଇଡେନ ପୁଣିଥରେ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ । ତେବେ ଏହି ନିର୍ବାଚନରେ ବାଇଡେନଙ୍କ ତୁଳନାରେ ଉପ ରାଷ୍ଟ୍ରପତି ତଥା ଭାରତୀୟ ବଂଶୋଦ୍ଭବ ଆମେରିକୀୟ କମଳା ହାରିସ୍‌ଙ୍କ ବିଜୟ ସମ୍ଭାବନା ଅଧିକ ରହିଛି ବୋଲି ଏଠାକାର 'ସୋସିଆଲ ସାଇନ୍ସ ରିସର୍ଚ୍ଚ ସଲ୍ୟୁସନ (ଏସଏସଆରଏସ୍)' ପକ୍ଷରୁ କରାଯାଇଥିବା ସିଏନଏନ ପୋଲ ସୂତ୍ରରୁ କୁହାଯାଇଛି । ଡୋନାଲ୍ଡ ଟ୍ରମ୍ପଙ୍କ ବିପକ୍ଷରେ କମଳା ହିଁ ଜଣେ ଟାଣୁଆ ନେତା ଭାବେ ଟକ୍କର ଦେବାକୁ ସକ୍ଷମ ବୋଲି ଏହି ରିପୋର୍ଟରେ କୁହାଯାଇଛି । ଯଦି ଡେମୋକ୍ରାଟ୍ ଦଳ ପୁଣିଥରେ ହ୍ୱାଇଟ ହାଉସ ଦଖଲ କରିବାକୁ ଚାହୁଁଥାଏ ତେବେ କମଳାଙ୍କୁ ଦଳ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଉଚିତ ବୋଲି ସିଏନଏନ କହିଛି । ଗତ ମସ ୨୭ ତାରିଖରେ ଆଟଲାଣ୍ଟାରେ ଅନୁଷ୍ଠିତ ପ୍ରଥମ ପ୍ରେସିଡେନସିଆଲ୍ ଡିବେଟ୍‌ରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ ପରେ କମଳାଙ୍କୁ ପ୍ରାର୍ଥୀ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଥିଲା । ଏବେ ଏହାକୁ ଆଧାର କରି ବିଭିନ୍ନ ସ୍ତରରେ କମଳାଙ୍କୁ ଟ୍ରମ୍ପଙ୍କ ବିରୋଧରେ ପ୍ରାର୍ଥୀ କରିବାକୁ ଦାବି କରାଯାଉଛି । ରାଷ୍ଟ୍ରପତି ଭାବେ ଟ୍ରମ୍ପଙ୍କ ସପକ୍ଷରେ ପ୍ରାୟ ୪୭ ପ୍ରତିଶତ ଭୋଟରଙ୍କ ସମର୍ଥନ ରହିଥିଲା ବେଳେ କମଳାଙ୍କ ସମର୍ଥନରେ ୪୫ ପ୍ରତିଶତରୁ ଅଧିକ ଭୋଟରଙ୍କ ସମର୍ଥନ ରହିଛି । କିନ୍ତୁ ତାଙ୍କ ପ୍ରତି ମହିଳା ଭୋଟରଙ୍କ ସମର୍ଥନ ଅଧିକ ରହିଥିବାରୁ କମଳା ହିଁ ଟ୍ରମ୍ପଙ୍କୁ ଟକ୍କର ଦେଇପାରିବେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି ।



**ପୂର୍ବ ତଟ ରେଳପଥ**

Tender Notice No.: ELS-ANGL-OT-24-25-06
ତାରିଖ : 01.07.2024

କାର୍ଯ୍ୟର ନାମ : ଇଲେକଟ୍ରିକ୍ ଲୋକୋ ସେଡ ଅନୁଗୁଳରେ ସମନ୍ୱିତ ପରିଚାଳନା ବ୍ୟବସ୍ଥା (IMS) ର କାର୍ଯ୍ୟକାରିତା ଏବଂ ପ୍ରାମାଣିକତା ଅର୍ଥାତ୍ ISO 9001:2015 ଗୁଣାତ୍ମକ ପରିଚାଳନା ବ୍ୟବସ୍ଥା (QMS), ISO:14001-2015 ପରିବେଶ ବ୍ୟବସ୍ଥା (EMS) ଏବଂ OHSAS 45001:2018
ବିଜ୍ଞାପିତ ମୂଲ୍ୟ : ଟ.1,12,362.00, EMD: ଟ. 2,300/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.1180/-
କାର୍ଯ୍ୟସମାପ୍ତିର ଅବଧି: 36 (ଛତିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.26.07.2024 ରିଖ 1500 ଘଟିକାରେ
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବସାଇଟ୍ : www.ireps.gov.in. ରେ ଉପଲବ୍ଧ ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRS) ଅନୁଗୁଳ
PR-267/P/24-25

# ବିଶ୍ୱାସରେ ବିଷ : ଟଙ୍କା ପାଇଁ ପ୍ରେମିକାକୁ ବିକିଦେଲା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱାସରେ ବିଷ ଦେଲା ପ୍ରେମିକ । ଯାହା ପାଇଁ ନିଜର ସ୍ୱାମୀ, ବାପା ଓ ଘର ପରିବାର ଛାଡ଼ି ଚାଲି ଆସିଥିଲା, ସେ ହିଁ ସୈତାନ ସାଜିଲା । ଟଙ୍କା ଲାଳସାରେ ପଡ଼ି ପ୍ରେମିକାକୁ ରାଜସ୍ଥାନରେ ବିକ୍ରି କରିଦେଲା । ଏଭଳି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ସଦରବ୍ଲକ ଅଧୀନ ବବଜା ଗ୍ରାମରେ । ଝିଅକୁ ଉଦ୍ଧାର ପାଇଁ ବୃଦ୍ଧ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି

ସୂଚନାନୁଯାୟୀ, ବବଜା ଗ୍ରାମର ମୋହନବେଣ୍ଟ ସାହୁଙ୍କ ଝିଅ ରଞ୍ଜିତାଙ୍କୁ ତାଙ୍କ ପ୍ରେମିକ ରାଜସ୍ଥାନରେ ବିକ୍ରି କରି ଫେରାର୍ ହୋଇଯାଇଛି । ୨୦୨୩ ଏପ୍ରିଲରେ ଖଲିଆପାଲି ଗ୍ରାମରେ ଝିଅକୁ ବିବାହ କରାଇଥିଲେ । ବାହାଘର ପରେ ଝିଅଜ୍ୱାଇଁ ବଲାଙ୍ଗିର ସହରର ଶାନ୍ତିପଡ଼ାରେ ଏକ ଭଡ଼ାଘରେ ରହୁଥିଲେ । ବାହାଘରର ୨ ମାସ ପରେ ପାଟଣାଗଡ଼ ଥାନା ଅଧୀନ କଦଳୀମୁଣ୍ଡା ଅଞ୍ଚଳର ଅଜିତ ବାଗ ତାଙ୍କୁ ପ୍ରେମଜାଲରେ ଫସାଇ ଘରୁ ନେଇ ଯାଇଥିଲା । ଶାଶୂଘର ଓ ପରିବାରଲୋକ ବହୁ ଖୋଜାଖୋଜି କଲା ପରେ ବି ତାଙ୍କର ପତା ପାଇନଥିଲେ । ତେବେ ଏହି ଘଟଣାକୁ ପ୍ରାୟ ବର୍ଷେ ବିତିଯାଇଥିବା ବେଳେ ଗତ କିଛି ଦିନ ହେବ ରଞ୍ଜିତାଙ୍କ ଫୋନ୍ ଆସୁଛି । ପ୍ରେମିକ ଅଜିତ ବାଗ୍ ତାଙ୍କୁ ରାଜସ୍ଥାନରେ ବିକି ଦେଇଥିବା କହୁଛନ୍ତି । ସେ ବର୍ତ୍ତମାନ ରାଜସ୍ଥାନର ବାରା ଜିଲ୍ଲା ଅଧୀନ ଭଟୱାଡାଠାରେ ରହୁଥିବା ପରିବାରଲୋକଙ୍କୁ ଜଣାଇବା ସହ ତାଙ୍କୁ ସେଠାରୁ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି । ଝିଅକୁ ଉଦ୍ଧାର କରିବାକୁ ବୁଢ଼ା ବାପା ଅକ୍ଷମ ହେବାରୁ ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଥାନାରେ ଲିଖିତ ଅଭିଯୋଗ କରିବା ସହିତ ତାଙ୍କର ଝିଅକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି ।

# ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଶ୍ରୀ ଜୀଉମାନଙ୍କ ରଥଯାତ୍ରାର ସିଧାପ୍ରସାରଣ ହେବ

**ଭୁବନେଶ୍ୱର, ପିଆଇବି**

ଚଳିତ ଜୁଲାଇ ୭ ତାରିଖ ରବିବାର ଦିନ ଶ୍ରୀଜୀଉମାନଙ୍କର ପବିତ୍ର ଘୋଷଯାତ୍ରା ଅବସରରେ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣ କରିବାର ବ୍ୟବସ୍ଥା କରିଛନ୍ତି । ଏଥିରେ ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ହାଇ ରିଜୋଲ୍ୟୁସନ ଚିତ୍ରଉତ୍ତୋଳନ କରାଯାଇ ଅଗଣିତ ଦର୍ଶକମାନଙ୍କ ଦର୍ଶନ ନିମନ୍ତେ ନିରବଚ୍ଛିନ୍ନ ଭାବେ ପ୍ରସାରଣ କରାଯିବ । ଏହା ଦ୍ୱାରା ଦର୍ଶନାଭିଳାଷୀ ଭକ୍ତମାନେ ଘୋଷଯାତ୍ରାର ପ୍ରତିଟି ମୁହୂର୍ତ୍ତକୁ ସ୍ପଷ୍ଟ ଭାବେ ଦେଖିପାରିବା ସହିତ ଭାବକୁ ମଧ୍ୟ ଅନୁଭବ କରିପାରିବେ । ଏଥିରେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ପ୍ରଖ୍ୟାତ ଭାଷ୍ୟକାରମାନଙ୍କର ପ୍ରଗଳଭ ଏବଂ ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ବିବରଣୀ ଦର୍ଶକମାନଙ୍କ ନିକଟରେ ପରିବେଷଣ କରାଯିବ । ବିଶେଷ କରି ଉଦ୍‌ଘୋଷକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ, ଡ. ମୃତ୍ୟୁଞ୍ଜୟ ରଥ, ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ମାତୃପ୍ରସାଦ ମିଶ୍ର, ଡ. କଲ୍ୟାଣୀ ନନ୍ଦୀ ଆଦି ଘୋଷଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହିତ ଦର୍ଶକମାନଙ୍କୁ ଭକ୍ତି ରସାମୃତରେ ଆହ୍ଲାଦିତ କରିବେ । ଡିଡି ଓଡ଼ିଆରେ ସିଧାପ୍ରସାରଣ ଜୁଲାଇ ୭ ତାରିଖ ଦିନ ସକାଳ ୯ଟାରୁ ଆରମ୍ଭ ହେବା ସହିତ ସକାଳ ୧୦ଟାରୁ ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ଭାଷାରେ ଡିଡି ଭାରତୀରେ ପ୍ରସାରଣର ବ୍ୟବସ୍ଥା କରାଯାଇଛି । ଏହି ପ୍ରସାରଣ ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ ୟୁଟ୍ୟୁବ ଚାନେଲ୍‌ରେ ସକାଳ ୯ଟାରୁ ଲାଇଭ ଷ୍ଟ୍ରିମିଙ୍ଗ୍ ମାଧ୍ୟମରେ ଉପଲବ୍ଧ ହେବ । ଯେହେତୁ ନୀତି ଅନୁଯାୟୀ ଶ୍ରୀଜୀଉଙ୍କର ରଥଯାତ୍ରା ଏଥର ଦୁଇଦିନ ଧରି ଅନୁଷ୍ଠିତ ହେବ, ସେଥିପାଇଁ ୮ ତାରିଖ ଦିନ ମଧ୍ୟ ସକାଳ ୮.୩୦ରୁ ରଥଟଣାର ସିଧାପ୍ରସାରଣ କରାଯିବାର ମଧ୍ୟ ବ୍ୟବସ୍ଥା ହୋଇଛି । ଏଠାରେ କହିବା ବାହୁଲ୍ୟ ଯେ, ରାଜ୍ୟ ସରକାରଙ୍କ ଅଫିସିଆଲ ପ୍ରସାରଣକାରୀ ଭାବେ ରଥଯାତ୍ରା ବ୍ୟତିତ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିକାନ୍ତି ଯଥା ୯ ତାରିଖରେ ଆଡ଼ପମଣ୍ଡପ ବିଜେ, ୧୫ ତାରିଖରେ ବାହୁଡ଼ା ଯାତ୍ରା, ୧୬, ୧୭ ଏବଂ ୧୮ ତାରିଖରେ ଯଥାକ୍ରମେ ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେର ସିଧାପ୍ରସାରଣ ନିମନ୍ତେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏବି ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ତଥା ତତ୍ସମ୍ବନ୍ଧୀୟ ସିଧାପ୍ରସାରଣର ଅପୂର୍ବ ସୁଯୋଗ ଦୂରଦର୍ଶନ ମାଧ୍ୟମରେ ଲାଭ କରିବା ନିମନ୍ତେ କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଦେବାଶିଷ ହାଲଦାର ଦର୍ଶକମାନଙ୍କୁ ଅନୁରୋଧ କରିଛନ୍ତି ।

# ଆଜିଠାରୁ ଭୁବନେଶ୍ୱରରେ ଦିବ୍ୟ କଳା ଓ ଦିବ୍ୟାଙ୍ଗ ଜନ ରୋଜଗାର ମେଳା ଆରମ୍ଭ

**ଭୁବନେଶ୍ୱର, ପିଆଇବି**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ଦିବ୍ୟାଙ୍ଗଜନ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେସନ୍ (ଏନଡିଏଫଡିସି) ଜରିଆରେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳା ମେଳା ଆୟୋଜନ କରିବାକୁ ଯାଉଛି । ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ ଓ ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରୀକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ । ଏହି ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସରେ ଶୁକ୍ରବାର ଠାରୁ ଅର୍ଥାତ୍ ୫ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ଆୟୋଜନ କରାଯିବ ।

୫ ଜୁଲାଇ ୨୦୨୪ ଅପରାହ୍ଣ ଗୋଟାଏ ବେଳେ ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ. ବର୍ମା ଉଦଘାଟନ କରିବେ । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶା ଭଳି ୬ଟି ରାଜ୍ୟରେ ଦିବ୍ୟାଙ୍ଗ ଜନଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

**ଦିବ୍ୟ କଳା ଶକ୍ତି :** କିଟ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଉପରୋକ୍ତ ୬ଟି ରାଜ୍ୟର ଦିବ୍ୟାଙ୍ଗ ଜନ କଳାକାରମାନେ ଐତିହାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଦିବ୍ୟ କଳା ଶକ୍ତି' ପରିବେଷଣ କରିବେ । ଦିବ୍ୟାଙ୍ଗ ଜନଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ତଥା କଳା ଓ ସଂସ୍କୃତି ଜରିଆରେ ସେମାନଙ୍କୁ ନେଇ ଏକ ସମାବେଶୀ ସମାଜ ଗଢ଼ିବା ଲାଗି 'ଦିବ୍ୟ କଳା ଶକ୍ତି' କାର୍ଯ୍ୟକ୍ରମ ଜରିଆରେ ପ୍ରୟାସ କରାଯାଇଥାଏ ।

**ଦିବ୍ୟ କଳା ମେଳା :** ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରୀଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହେବ । ଆଗନ୍ତୁକମାନେ ଏଠାରେ ବିଭିନ୍ନ ବର୍ଗର ବ୍ୟାପକ ଉତ୍ପାଦ ପାଇପାରିବେ, ସେଗୁଡ଼ିକ ମଧ୍ୟରେ ରହିଛି : ଗୃହସଜ୍ଜା ଓ ଜୀବନଶୈଳୀ ଉତ୍ପାଦ, ପୋଷାକ, ଷ୍ଟେସନାରୀ, ପରିବେଶ ଅନୁକୂଳ ଉତ୍ପାଦ, ପ୍ୟାକେଟ୍ ଖାଦ୍ୟ, ଜୈବିକ ଉତ୍ପାଦ, ଖେଳନା, ଉପହାର, ବ୍ୟକ୍ତିଗତ ସାମଗ୍ରୀ ତଥା ଅଳଙ୍କାର ଓ କ୍ଲଚ୍ ବ୍ୟାଗ୍, ଚିତ୍ରକଳା ।

ଏହି କାର୍ଯ୍ୟକ୍ରମ **'ଭୋକାଲ୍ ଫର ଲୋକାଲ'** ଅଭିଯାନକୁ ପ୍ରୋତ୍ସାହିତ କରିଥାଏ, ଯାହା ଦ୍ୱାରା ଆଗନ୍ତୁକମାନେ ଦିବ୍ୟାଙ୍ଗ କାରିଗରମାନଙ୍କ ଦ୍ୱାରା ଅତ୍ୟନ୍ତ ଦୃଢ଼ ସମର୍ପଣ ସହ ନିର୍ମିତ ଅଭିନବ ଜିନିଷ କିଣିପାରିବେ ।

**କାର୍ଯ୍ୟକ୍ରମ ସୂଚୀ :** କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୬ରେ ଜୁଲାଇ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ଏଥିରେ ଦିବ୍ୟାଙ୍ଗଜନ କଳାକାର ଓ ଜଣାଶୁଣା ପେସାଦାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାବ୍ୟତୀତ ଏହି କାର୍ଯ୍ୟକ୍ରମରେ ଆଗନ୍ତୁକମାନେ ବିଭିନ୍ନ ଆଞ୍ଚଳିକ ଖାଦ୍ୟର ମଜା ନେଇପାରିବେ ।

**ମୂଲ୍ୟାୟନ ଶିବିର :** ଆଲିମକୋ ସହଯୋଗରେ ଏସଭିନିର୍ତାର, ଓଡ଼ିଶା ପକ୍ଷରୁ ସ୍ୱତନ୍ତ୍ର ମୂଲ୍ୟାୟନ ଶିବିର ଆୟୋଜନ କରାଯାଇ ସହାୟତା ଓ ସହାୟକ ଉପକରଣର ଆବଶ୍ୟକତା ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା କରାଯିବ । ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ସହିତ ଦିବ୍ୟାଙ୍ଗଜନ ରୋଜଗାର ମେଳା ଦିବ୍ୟାଙ୍ଗଜନଙ୍କୁ ପ୍ରୋତ୍ସାହନ ଓ ସଶକ୍ତ କରିବା ସହିତ ଏକ ସମାବେଶୀ ସମାଜ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ ପରିକଳ୍ପନା ଓ ଉଦ୍ୟମକ୍ରମେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାରା ଦେଶରେ ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
CAD-456
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୧୬୯୪ / ଭୁ.ଉ.କ., ଭୁବନେଶ୍ୱର AVA(M)-125/05
**ସୂଚନା**
ତା ୦୧.୦୭.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆଚାର୍ଯ୍ୟବିହାର ହାଉସିଂ ସ୍କିମ୍, ମୌଜା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଫ୍ଲାଟ୍ ଗୃହ ନଂ-MIG-S-8/11 କୁ **ଶ୍ରୀଦେବଦତ୍ତ ପଟ୍ଟନାୟକ, ପିତା-ସ୍ୱର୍ଗତ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ-ବଡ଼ପୋଖରୀଆ, ପୋଷ୍ଟ-ନୀଳଗିରି ପାଟଣା, ଥାନା-ଜଙ୍କିଆ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ଦେବଦତ୍ତ ପଟ୍ଟନାୟକ** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ସତ୍ୟପ୍ରକାଶ କର, ପିତା-ଶଶିଭୂଷଣ କର, ଗ୍ରାମ-ଗୋପିନାଥ କଲୋନୀ, ପୋଷ୍ଟ-ଅଠରବାଙ୍କି, ଥାନା-ପାରାଦୀପ, ଜିଲ୍ଲା-ଜଗତସିଂହପୁର, ପିନ୍-୭୫୪୧୨୦, ଓଡ଼ିଶା**ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0045/2425

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Additional Chief Engineer, Mechanical Circle, Brahmapur**
**Email Address: acemechanicalcircleberhampur@gmail.com**
**E-Procurement Notice- Bid Identification No.- ACE/MCB/MDB-01/ 2024-25**
A-116

| | | |
|---|---|---|
| 1. | Name of the Work | Supply .Fabrication & Erection of 04 no Scouring Sluice gate of Kuliakuti check dam at Kuliakuti under the Superintending Engineer M.I Division Kandhamal. |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/ NSICZ MSME for Irrigation Shutters / Hydro mechanical gates. |
| 4. | Bid Identification No. | ACE /MCB / MDB - 01 / 2024-25 |
| 5. | Estimated Cost | Rs. 10,62,737.00 |
| 6. | Period of Completion | 90 days. |
| 7. | Date & time of availability of bid Documents in the Portal | From dt.11.07.2024 (10.00 AM) to dt.23.07.2024(5.30 PM) |
| 8. | Last date/ time for receipt of bid In the Portal | dt.23.07.2024 (up to 5.30 PM) |
| 9. | Date and Place of opening of Technical Bid | dt.24.07.2024 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | Additional Chief Engineer, Mechanical Circle, Brahmapur |

Further details can be seen from the e-procurement portal **https://tendersodisha.gov.in**
OIPR-32498/11/0001/2425
Sd/- Additional Chief Engineer, Mechanical Circle, Brahmapur

ଭୁବନେଶ୍ୱର
୫ ଜୁଲାଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାର୍ଯ୍ୟ

# ୩ ରଥକୁ ଉଠିଲା କଳସ, ଓଲଟ ଶୁଆ ଏବଂ ଅଁଳା



**ପୁରୀ, ନ୍ୟୁଜ ବ୍ୟୁରୋ**

ବୁଧବାର ୩ ରଥର ଦୁଆର ବେଢ଼ା ଚନ୍ଦ୍ର ଶାଳୀରେ "ଧ୍ୱଜବତା' ଫିଟିଂ ସହ ଡ଼ମଣିବତା ଫିଟିଂ ହୋଇଥିଲା । ଗୁରୁବାର ତିନି ରଥକୁ କଳସ, ଓଲଟ ଶୁଆ ଏବଂ ଅଁଳା ଉଠିଛି । ୩ ରଥର ବେଦୀ ପାର୍ଶ୍ୱ ପଟା ତଳେ ହଂସ ପଟା ବାଡିଆ ଓ ତିନି ରଥରେ ଘୋଡ଼ା ସେଟିଂ ପାଇଁ ଇସ ଏବଂ ଯୁଆଳି ନିର୍ମାଣ ଶେଷ ହୋଇଛି । ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୩ ରଥର ଦୁଆର ବେଢ଼ା ଚନ୍ଦ୍ର ଶାଳୀରେ 'ଧ୍ୱଜବତା' ଫିଟିଂ ହୋଇଛି । ୩ ରଥର ବେଦୀ ପାର୍ଶ୍ୱ ପଟା ତଳେ ହଂସ ପଟା ବାଡିଆ ସମ୍ପୂର୍ଣ୍ଣ ହୋଇଛି । ଭୋଇ ସର୍ଦ୍ଦାରଙ୍କ ନେତୃତ୍ୱରେ କଣ୍ଟା ବସିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଚିତ୍ରକାର ସେବକମାନଙ୍କୁ ରଙ୍ଗ ଚିତ୍ର କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି ରୂପକାର ସେବକ । ରଥଯାତ୍ରା ପାଇଁ ଉତ୍ସବମୁଖର ବଡଦାଣ୍ଡ । ତିନି ରଥକୁ ଉଠିଲା କଳସ, ଓଲଟ ଶୁଆ ଏବଂ ଅଁଳା ।



# ମୁଣ୍ଡିଆ ମାରି ଲୋକସେବା ଭବନ କାର୍ଯ୍ୟାଳୟରେ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ

**ଭୁବନେଶ୍ୱର, ୪/୭ ନ୍ୟୁଜ ବ୍ୟୁରୋ**

କାର୍ଯ୍ୟ ଆରମ୍ଭ କରିବାର ଦୀର୍ଘ ୨୦ଦିନ ପରେ ଗୁରୁବାର ସରକାରୀ କାର୍ଯ୍ୟାଳୟକୁ ବିଧିବଦ୍ଧ ଭାବେ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ପ୍ରଶାସନର ମୁଖ୍ୟାଳୟ ଲୋକସେବା ଭବନ (ସଚିବାଳୟ)ର ତୃତୀୟ ମହଲାରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରୁ ଗୁରୁବାର ଠାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାର୍ଯ୍ୟ କରିଛନ୍ତି । ଏହା ପୂର୍ବରୁ ସେ ଦାୟିତ୍ୱ ନେବା ପରେ ରାଜ୍ୟ ଅତିଥି ଭବନରେ ଅସ୍ଥାୟୀ କାର୍ଯ୍ୟାଳୟରେ କାମ କରୁଥିଲେ । ଗୁରୁବାର କାର୍ଯ୍ୟାଳୟ ପ୍ରବେଶ ସମୟରେ ଶ୍ରୀ ମାଝୀ ମୁଣ୍ଡିଆ ମାରିବା ସହ ବେଶ୍ ଭାବପ୍ରବଣ ଢଙ୍ଗରେ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା ।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନରେ ପହଞ୍ଚିବା ପୂର୍ବରୁ ଦୁଇ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ସମସ୍ତ ମନ୍ତ୍ରୀମାନେ ପହଞ୍ଚିଥିଲେ । ସେହିପରି ପୁରା ରାଜ୍ୟ ପ୍ରଶାସନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିଲା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ବିଭିନ୍ନ ବିଭାଗର ମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କାର୍ଯ୍ୟାଳୟକୁ ମୁଣ୍ଡିଆ ମାରି ପ୍ରବେଶ କରିଛନ୍ତି ଶ୍ରୀ ମାଝୀ । ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି । ବିଭିନ୍ନ ବିଭାଗର ସଚିବ, ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ୪ଥର ବିଧାୟକ ହୋଇଥିବା ବିଜେପିର ବରିଷ୍ଠ ନେତା ଶ୍ରୀ ମାଝୀ ଗତ ମାସ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଶପଥଗ୍ରହଣ ସମାରୋହ ଦିବସ ସଂଧ୍ୟାରେ ହିଁ ଲୋକସେବା ଭବନରେ ସେ ପ୍ରଥମ କ୍ୟାବିନେଟ ବୈଠକ କରିଥିଲେ । ଏହା ଥିଲା ବିଜେପି ସରକାରର ପ୍ରଥମ ସରକାରୀ ବୈଠକ । ଏଥିରେ ୪ଟି ବଡ ପ୍ରସ୍ତାବ ଉପରେ ମୋହର ବାଜିଥିଲା । ଏହା ମଧ୍ୟରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବ ନିଷ୍ପତ୍ତି ଥିଲା ସବୁଠୁ ଚର୍ଚ୍ଚିତ । ତେବେ ରାଜ୍ୟ ଅତିଥି ଶାଳାରେ ଅସ୍ଥାୟୀ ଅଫିସରେ ୨୦ଦିନ କାର୍ଯ୍ୟ କରିବା ପରେ ଗୁରୁବାର ଲୋକସେବା ଭବନରେ ସରକାରୀ କାର୍ଯ୍ୟାଳୟକୁ ପ୍ରବେଶ କରିଛନ୍ତି ଶ୍ରୀ ମାଝୀ ।



ଭୁବନେଶ୍ୱର : ଲୋକସେବା ଭବନରେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟ ଶାସନ ସଚିବ ମୋନଜ ଆହୁଜା । (ଫଟୋ : ସମ୍ବାଦ କଳିକା)

## ଓଡ଼ିଆରେ ମେଡିକାଲ ପାଠପଢ଼ା ପାଇଁ ବିଶେଷଜ୍ଞ କମିଟି ଗଠିତ

**ଭୁବନେଶ୍ୱର, ୦୪/୭ ନ୍ୟୁଜ ବ୍ୟୁରୋ**

ଓଡ଼ିଆରେ ଏମ୍‌ବିବିଏସ୍ ପାଠ୍ୟପୁସ୍ତକ ପାଇଁ ୨୨ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ନିର୍ବାଚନୀ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୨୨ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି କମିଟି ୧୫ଦିନ ମଧ୍ୟରେ ତାଙ୍କର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦେବେ । ଓଡ଼ିଆ ଭାଷାରେ ଏମବିବିଏସ୍ ଶିକ୍ଷାଦାନ ପାଇଁ ଅତ୍ୟାବଶ୍ୟକ ପାଠ୍ୟକ୍ରମର ଓଡ଼ିଆରେ ଅନୁବାଦ, କେତେ ସମୟ ଲାଗିବ ଓ ଏସବୁ ନିମନ୍ତେ ଆବଶ୍ୟକ ପାଣ୍ଠି ଆଦି ନେଇ ଏହି କମିଟି ତାଙ୍କର ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ୨୨ଜଣିଆ ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ସାହୁ ରହିଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଆବାହକ ଅଛନ୍ତି ।

# ଅଣସର ତ୍ରୟୋଦଶୀରେ ସମ୍ପନ୍ନ ହେଲା ମହାପ୍ରଭୁଙ୍କ ଘଣାଲାଗି ଓ ଖଳିଲାଗି ନୀତ

**ପୁରୀ, ୪/୭ ନ୍ୟୁଜ ବ୍ୟୁରୋ**

ଗୁରୁବାର ହେଉଛି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ବା ଅଣସରର ତ୍ରୟୋଦଶୀ ତିଥି । ଏହି ତିଥିରେ ମହାପ୍ରଭୁଙ୍କ ଘଣା ଓ ଖଳି ଲାଗି ନୀତି ହୋଇଛି । ଘଣ୍ଟ, ଛତ୍ରୀ ଓ କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ସେପଟେ ଆଉ ମାତ୍ର ଦୁଇ ଦିନ ପରେ ଅର୍ଥାତ ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ଶୃଙ୍ଖଳିତ ଓ ସୁରକ୍ଷିତ ରଥଯାତ୍ରା ପାଇଁ ଗୁରୁବାର ଟାଉନ ଥାନା ପରିସରରେ ପ୍ରଶାସନ ପକ୍ଷରୁ ମକ୍ ଡ୍ରିଲ କରାଯାଇଛି । ଚଳିତ ବର୍ଷ ରଥଯାତ୍ରା ଦୁଇଦିନ ଅନୁଷ୍ଠିତ ହେବାକୁ ଥିବାରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲ୍ଲାପାଳ କହିଛନ୍ତି । ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି । ବୁଧବାର ଅଣସରର ଦ୍ୱାଦଶୀ ତିଥିରେ ଦଇତା ଓ ପତିମହାପାତ୍ର ସେବାୟତମାନେ ମହାପ୍ରଭୁଙ୍କ ସୁସ୍ଥତାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ । ଏହାସହ ରଥଯାତ୍ରାର ସୁପରିଚାଳନା ନେଇ ମଧ୍ୟ ଆଲୋଚନା କରିଥିଲେ । ଗୁରୁବାର ଅଣସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଘଣାଲାଗି ଓ ଖଳି ପ୍ରସାଦ ଲାଗି ହୋଇଥିଲା । ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉମାନଙ୍କୁ ଘଣାଲାଗି ପରେ ଖଳି ଲାଗି ଓ ତତ୍ପରେ ଖଡ଼ି ଲାଗି ହୋଇଥିଲା । ଘଣ୍ଟ, ଛତ୍ରୀ, କାହାଳି ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୂପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ ।



ଏଥିସହ ଶ୍ରୀଜୀଉଙ୍କୁ ଲାଲବସ୍ତ୍ର ଆବରଣ କରି ସପ୍ତାବରଣ ଶେଷ ହୋଇଛି । ଗୋଟିଏ ପଟେ ମହାପ୍ରଭୁ ସୁସ୍ଥ ହୋଇ ରଥଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଶ୍ରୀମନ୍ଦିରରେ ଦଇତାପତି ସେବାୟତମାନେ ବେଶ ନିଷ୍ଠାର ସହ ସମସ୍ତ କାର୍ଯ୍ୟ ଚଳାଇଛନ୍ତି । ତେବେ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥିଲେ । ଶୁଦ୍ଧ ସୁଆରଙ୍କ ବାସ ଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିବା ପରେ ବିଜେ କାହାଳୀ ବାଜିଥିଲା । ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା ।

ଏପଟେ ରଥଯାତ୍ରାକୁ ନେଇ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ଦୁଇଦିନ ରଥଯାତ୍ରା ପଡୁଥିବାରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି । ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଚଳିତବର୍ଷ ରଥଯାତ୍ରାରେ ସାମିଲ ହେବାକୁ ଯାଉଛନ୍ତି । ଏଣୁ ପୁରୀ ଟାଉନ ଥାନାଠାରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସହ ମକଡ୍ରିଲ କରାଯାଇଥିଲା । ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖାଯାଇ ଏହି ମକଡ୍ରିଲ୍ କରାଯାଇଛି । ପୁରୀ ଟାଉନ ଥାନା ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍‌ଠାରେ ରଥଯାତ୍ରା ନେଇ ମକଡ୍ରିଲ୍ ହୋଇଥିଲା । ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୁଲିସ, ପରିବହନ, ଆମ୍ବୁଲାନ୍ସ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅନ୍ୟାନ୍ୟ ବିଭାଗ ମକଡ୍ରିଲ୍‌ରେ ସାମିଲ୍ ହୋଇଥିଲେ । ମକଡ୍ରିଲ୍‌ରେ ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ରହିଥିଲେ । ଲକ୍ଷାଧିକ ଭକ୍ତଙ୍କ ଭିଡ ଭିତରେ କୌଣସି ଭକ୍ତ ଗୁରୁତର ହେଲେ ତାଙ୍କୁ କିଭଳି ଆମ୍ବୁଲାନ୍ସ ଯୋଗେ ଗ୍ରୀନ୍ କରିଡର କରାଯାଇ ପ୍ରାଥମିକ ଚିକିତ୍ସା ଦିଆଯିବ, ସେନେଇ ମଧ୍ୟ ମକଡ୍ରିଲ୍ କରାଯାଇଥିଲା । ଦଳାଚକଟା ହେଉ କିମ୍ବା ଭିଡ ଭିତରେ ଭକ୍ତମାନେ ଅଣନିଶ୍ୱାସୀ ହୁଅନ୍ତି ସେନେଇ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଉଦ୍ଧାର କରାଯିବ ସେନେଇ ଅଭ୍ୟାସ ଆରମ୍ଭ ହୋଇଥିଲା । କିଛି ଅପ୍ରୀତିକର ପରିସ୍ଥିତି ଉପୁଜିଲେ କିଭଳି ତୁରନ୍ତ ମୁକାବିଲା କରିହେବ ସେନେଇ ଓଡ୍ରାଫ, ଏନଡିଆରଏଫ ଟିମ୍, ସିଭିଲ ଡିଫେନସ ଟିମ୍ ଓ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ମକ ଡ୍ରିଲ ଡେମୋ କରାଯାଇଥିଲା ।

# ରଥଯାତ୍ରାରେ ୧୫ଲକ୍ଷ ଭକ୍ତଙ୍କୁ ସୁବିଧା ଯୋଗାଇଦେବ ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୪/୭ ନ୍ୟୁଜ ବ୍ୟୁରୋ**




ରଥ ଯାତ୍ରା ସମୟରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ତୀର୍ଥଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଇବା ପାଇଁ ବିଶେଷ ଭାବରେ ରେଳ ଦ୍ୱାରା ପୁରୀକୁ ଆସୁଥିବା ଭକ୍ତମାନଙ୍କୁ ଅଧିକ ଯାତ୍ରା ଅଭିଜ୍ଞତା ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନେଇଛି । ରଥ ଯାତ୍ରା ସମୟରେ ସ୍ୱତନ୍ତ୍ର ଟ୍ରେନର ସୁରକ୍ଷା, ନିରାପତ୍ତା ଏବଂ ସମୟାନୁବର୍ତ୍ତୀତା ମାନଦଣ୍ଡ ଯୋଗାଇଦେବା ସହିତ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଷ୍ଟେସନ ପରିସରର ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଯାତ୍ରୀମାନଙ୍କ ସମସ୍ୟା ତଥା ଟ୍ରେନ୍ ଚଳାଚଳ ସୁଗମ କରିବା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଉଅଛି । ଷ୍ଟେସନରେ ରେଳବାଇ ସୂଚନା ସମ୍ବନ୍ଧରେ ପ୍ରଭାବଶାଳୀ ଘୋଷଣା ଏବଂ ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ମାଧ୍ୟମରେ ଟିକେଟ୍ ସୁଗମ ଉପଲବ୍ଧ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ଟ୍ରାଫିକ୍ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଓ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦେବା ପାଇଁ ରେଳବାଇ ଯୋଜନା କରିଛି । ରଥଯାତ୍ରା ମହୋତ୍ସବ ସମୟରେ ରେଳବାଇ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କେତେକ ପଦକ୍ଷେପ ନିଆଯାଇଛି । ଏହି ପଦକ୍ଷେପ ହେଲା ଭିଡ ଏଡ଼ାଇବା (କ୍ରାଉଡ୍ ମ୍ୟାନେଜମେଣ୍ଟ), ଟ୍ରେନ୍ ସୂଚନା ବ୍ୟବସ୍ଥା / ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ୍ ପ୍ରଦର୍ଶନ, ୟୁଟିଏସ୍ ମୋବାଇଲ୍ ଆପ୍, ୨୫ ହଜାରରୁ ଅଧିକ ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କ ରହିବା ପାଇଁ ମେଳା ସେଡ ଓ ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର / ଶେଡ୍, ଟିକେଟ୍ ବୁକିଂ କାଉଣ୍ଟର ଏବଂ ମୋବାଇଲ୍ ଟିକେଟ୍ କାଉଣ୍ଟର, ମେଳା ଶେଡ୍, ସୁରକ୍ଷା ବ୍ୟବସ୍ଥା, କ୍ୟାଟରିଂ ଏବଂ ଆତିଥ୍ୟ, ମେଡିକାଲ୍ ସୁବିଧା ଏବଂ ଆମ୍ବୁଲାନ୍ସ, ସେବା, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ଯାତ୍ରୀ ବିଶେଷକରି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ସ୍ୱଚ୍ଛତା, ସୁରକ୍ଷା, ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ଶୌଚାଳୟ ଇତ୍ୟାଦିର ବ୍ୟାପକ ବନ୍ଦୋବସ୍ତ କରାଯାଇଅଛି । ଚଳିତ ବର୍ଷ ରେଳବାଇ ୧୫ ଲକ୍ଷ ଯାତ୍ରୀଙ୍କୁ ପୁରୀକୁ ଏବଂ ପୁରୀ ଠାରୁ ନିଜ ଗନ୍ତବ୍ୟ ସ୍ଥଳକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ କାର୍ଯ୍ୟଶୀଳ ସିଡ୍ୟୁଲିଙ୍ଗ ସିଷ୍ଟମ୍ ବ୍ୟବହାର କରି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବାକୁ ବ୍ୟବସ୍ଥା କରାଯାଉଅଛି ଯାହାଦ୍ୱାରା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ରେଳବାଇ ନିର୍ଦ୍ଦିଷ୍ଟ ଗନ୍ତବ୍ୟସ୍ଥଳକୁ ଅଧିକ ଟ୍ରେନ୍ ଚଳାଚଳ କରାଇ ପାରିବ । ଟ୍ରେନ ଗୁଡିକର ସୁପରିଚାଳନା, ଅତିରିକ୍ତ ଟିକେଟ କାଉଣ୍ଟର, ଯାତ୍ରୀ ସହାୟତା ଓ ଅତିରିକ୍ତ ସୂଚନା କେନ୍ଦ୍ର, ଟ୍ରେନ ସମୟ ସାରଣୀର ସୂଚନା ପ୍ରଦର୍ଶନ, ମେଳା ସେଡ ର ପରିଚାଳନା, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା, ଷ୍ଟେସନ ପରିସରର ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହାୟତା ଓ ଆମ୍ବୁଲାନ୍ସ ସେବା, ଆଲୋକୀକରଣ, ଏଲସି ଗେଟ ପରିଚାଳନା, ମନ୍ଦିର ପ୍ରଶାସନକୁ ସହାୟତା, ବ୍ୟାପକ କର୍ମବଳ, ସୁରକ୍ଷା ଓ ନିରାପତ୍ତା ସହିତ ଭିଡ଼ ଏଡ଼ାଇବାକୁ ବ୍ୟବସ୍ଥା ଓ ସିସିଟିଭି ଦ୍ୱାରା ନିରୀକ୍ଷଣ ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ଦିଆଯାଇ ଯାତ୍ରୀ ସୁବିଧା ଯୋଗାଇଦିଆଯିବାକୁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଇଅଛି ।

## ଲାଞ୍ଚ ନେଇ ଧରାପଡିଲେ ଥାନା ଏସ.ଆଇ

**ଜଗତସିଂହପୁର ୪/୭ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ହାତରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଏସ.ଆଇ । ଏସ.ଆଇ ବିବେକାନନ୍ଦ ସାହୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଲା ଜଗତସିଂହପୁର ଓ କଟକ ଭିଜିଲାନ୍ସ ଟିମ୍ । ସ୍ଥାନୀୟ ବାଗୋଇ ଗାଁର ସରୋଜ କୁମାର ସ୍ୱାଇଁଙ୍କ



ପଡ଼ୋଶୀଙ୍କର ସହିତ ଲାଗିଥିବା ବିବାଦ ବାବଦରେ କେସ୍ ସମାଧାନ କରିବା ପାଇଁ ତାଙ୍କ ଠାରୁ ୮ ହଜାର ଟଙ୍କା ଦାବି କରିଥିଲେ ଏସ.ଆଇ ବିବେକାନନ୍ଦ ସାହୁ । ଏ ବାବଦରେ ସରୋଜ ଭିଜିଲାନ୍ସର ସହାୟତା ନେଇଥିବା ବେଳେ ଗୁରୁବାର ସମ୍ପୃକ୍ତ ଏସ.ଆଇ ଦାବି ମୁତାବକ ଟଙ୍କା ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ ତାଙ୍କୁ ଧରିବା ସହ ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରି ଗିରଫ କରିଛି ।

# ଲକ୍ଷେ ଟଙ୍କାରେ ଦିନକର ଛୁଆକୁ ବିକି ଦେଲା ମା'

**ପାରାଦ୍ୱୀପ, ୪/୭ ନ୍ୟୁଜ ବ୍ୟୁରୋ**

ମରିଗଲା ମା'ର ମମତା । ଛୁଆ ପ୍ରେମ ଠାରୁ ବଡ଼ ହୋଇଗଲା ଟଙ୍କା ଲୋଭ । ଦିନକର ଛୁଆକୁ ଅନ୍ୟ ହାତକୁ ଟେକି ଦେଲା ମା' । ନବଜାତକୁ ଲକ୍ଷେ ଟଙ୍କାରେ ବିକ୍ରି କରିଦେଲେ ମହିଳା । ଏଭଳି କିଛି ଅଭିଯୋଗ ଆସିଛି ପାରାଦ୍ୱୀପରୁ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି । ଗତ ରବିବାର ଦିନ ଜଣେ ଆଦିବାସୀ ମହିଳା ଅଠରବାଙ୍କି ସରକାରୀ ଡାକ୍ତରଖାନାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ସୋମବାର ସେହି ପିଲାକୁ ଆନ୍ଧ୍ରପ୍ରଦେଶର ଜଣେ ବ୍ୟକ୍ତିଙ୍କୁ ବିକି ଦେଇଥିବା ଅଭିଯୋଗ ହେଉଛି । ନୂଆ ବଜାରର ଜଣେ ଦଲାଲଙ୍କ ପ୍ରରୋଚନାରେ ଛୁଆକୁ ଲକ୍ଷେ ଟଙ୍କାରେ ବିକ୍ରି କରିଥିବା କଥା ସାମ୍ନାକୁ ଆସିଛି । ସୂଚନା ଅନୁସାରେ ମହିଳା ଜଣକ ପ୍ରଥମେ ଷଣ୍ଢକୁଦ ବସ୍ତିରେ ରହୁଥିଲେ । ସେଠାରେ ଜଣେ ମହିଳା ତାଙ୍କର ଭଲମନ୍ଦ ବୁଝିବା ସହିତ ସମୟ ସମୟରେ ଯାଇ ତାଙ୍କ ଚିକିତ୍ସା କରାଉଥିଲେ । କେବଳ ସେତିକି ନୁହେଁ ପୂର୍ବରୁ ଥିବା ଝିଅର ଭବିଷ୍ୟତ ପାଇଁ ମଧ୍ୟ ୩୦ ହଜାର ଟଙ୍କା ଦେବି ବୋଲି କହିଥିଲେ । ଏହାପରେ ପିଲା ଜନ୍ମ ହେଲେ ତାଙ୍କୁ ଦେବାକୁ ଆଦିବାସୀ



ମହିଳା କୁଆଡେ ରାଜି ହୋଇଥିଲେ । ମାତ୍ର କିଛି ଦିନ ହେବ ଆଦିବାସୀ ମହିଳା ଜଣକ ନୂଆବଜାର ବସ୍ତିରେ ରହୁଥିଲେ । ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଅର୍ଥ ଲୋଭ ଦେଇ ପିଲାକୁ ନେଇ ବିଶାଖାପାଟଣା ପଳାଇ ଯାଇଥିବା ଅଭିଯୋଗ ହୋଇଛି । ତେବେ ଆଦିବାସୀ ମହିଳାଙ୍କୁ ଚିକିତ୍ସା କରାଉଥିବା ମହିଳା ଏହା ଜାଣିବା ପରେ ସ୍ଥାନୀୟ ପାରିଷଦ ଓ କିଛି ମହିଳାଙ୍କୁ ସାଙ୍ଗରେ ନେଇ ପାଟିତୁଣ୍ଡ କରିଥିଲେ । ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଛି । ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି ପାରାଦ୍ୱୀପ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ । ତଦନ୍ତ ପାଇଁ ଏକ ଟିମ୍ ଗଠନ ହୋଇଛି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶିଶୁ ମଙ୍ଗଳ ଅଧିକାରୀ କହିଛନ୍ତି ।


## ଏବେ ବଜାରରେ ମିଳୁଛି...

## 'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର ।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା ।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର -ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା-ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସ୍ତ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


## କଳାହାଣ୍ଡିରେ ସରୁନି ଦାଦନ ଦୁଃଖ

# ମାସକରେ ଗଲାଣି ୮ ଜଣଙ୍କ ଜୀବନ

**ଭବାନୀପାଟଣା, ୪/୭ ନ୍ୟୁଜ ବ୍ୟୁରୋ**

ଜିଲ୍ଲାରେ ସରୁନି ଦାଦନ ଦୁଃଖ । ପୁଣି ଦାଦନ ମୃତ୍ୟୁ । ଗୋଟିଏ ମାସ ମଧ୍ୟରେ ୬ ଜଣ ଦାଦନ ଶ୍ରମିକଙ୍କ ଜୀବନ ଯାଇଥିବା ବେଳେ ଏବେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଜିଲ୍ଲାର ଜୟପାଟଣା ବ୍ଲକ ଅଞ୍ଚଳରେ । ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ଅନ୍ୟ ଜଣଙ୍କ ମୃତଦେହ ଗାଁକୁ ଫେରିନାହିଁ । ଯାହାକୁ ନେଇ ଏବେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ସୂଚନା ଅନୁସାରେ, ଜୟପାଟଣା ବ୍ଲକ ବତାସୀଗୁଡା ଗାଁର ୩୧ ବର୍ଷୀୟ ଉପେନ୍ଦ୍ର ପାତ୍ର ପରିବାର ପ୍ରତିପୋଷଣ ପାଇଁ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟୱାଡାକୁ ଯାଇଥିଲେ । ସେଠାରେ କାମ କରି ଘରକୁ ଟଙ୍କା ପଠାଉଥିଲେ । କିଛି ଦିନ ତଳେ ଫୋନରେ ନିଜ ମାଆ ସହିତ କଥା ହେବା ସହ ଟଙ୍କା ମିଳିଲେ ଘରକୁ ଆସିବି ବୋଲି କହିଥିଲେ । ହେଲେ ହଠାତ ତାଙ୍କ ମୃତ୍ୟୁ ଖବର ଘରକୁ ଆସିଲା । ସବୁଠାରୁ ଦୁଃଖର କଥା ହେଲା ଉପେନ୍ଦ୍ରଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ପରିବାରକୁ ଖବର ଦିଆଗଲା



ନାହିଁ । ବରଂ ଉପେନ୍ଦ୍ରଙ୍କ ଶେଷକୃତ୍ୟ କରି ଭିଡିଓ ପଠାଇ ଦିଆଗଲା । ତେବେ ଏଠାରେ ପ୍ରଶ୍ନ ଯେ ଉପେନ୍ଦ୍ରଙ୍କ ମୃତ୍ୟୁକୁ କାହିଁକି ଲୁଚାଗଲା, କାହିଁକି ମୃତଦେହ ବ୍ୟବଚ୍ଛେଦ ନକରି ସତ୍କାର କରାଗଲା ଓ କିଏ ଶେଷକୃତ୍ୟ କଲା ତାହା ତଦନ୍ତ ସାପେକ୍ଷ । ଏନେଇ ଉପେନ୍ଦ୍ରଙ୍କ ବାପା ଏବେ ହତ୍ୟା ଅଭିଯୋଗ ଆଣି ଜୟପାଟଣା ଥାନାରେ ଏତଲା ଦେଇଛନ୍ତି । ଅନ୍ୟପଟେ ବ୍ଲକର ରେଙ୍ଗାଳପାଲି ପଞ୍ଚାୟତ କାଦୋଗୁଡା ଗ୍ରାମର ଯୁଧିଷ୍ଠିର ଶବରଙ୍କ ଭେଣ୍ଡିଆ ପୁଅ ବିଦ୍ୟା ଶବର ପରିବାରର ପ୍ରତିପୋଷଣ ପାଇଁ ଗତ ୧୫ ଦିନ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦକୁ ଯାଇଥିଲେ । ସେଠାରେ ଏକ ଠିକାସଂସ୍ଥାରେ ମିସ୍ତ୍ରୀ ଭାବେ ନିୟୋଜିତ ରହିଥିଲେ । ସଉଦା କିଣିବା ପାଇଁ ନିକଟସ୍ଥ ବଜାରକୁ ଯାଉଥିବା ସମୟରେ ହଠାତ ଏକ ଅଜଣା ଗାଡି ଧକ୍କା ଦେବାରୁ ବିଦ୍ୟାଙ୍କ ମୃତ୍ୟୁ ହୋଇଥିଲା । ଏନେଇ ସାଥିରେ ଥିବା ଶ୍ରମିକମାନେ ଫୋନ ଯୋଗେ ମୃତ ବିଦ୍ୟାଙ୍କ ପରିବାରକୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ହାଇଦ୍ରାବାଦ ପହଞ୍ଚି ଠିକାସଂସ୍ଥାର ସହାୟତାରେ ଏକ ଆମ୍ବୁଲାନ୍ସରେ ମୃତଦେହ ନେଇ ଗାଁରେ ପହଞ୍ଚିଥିଲେ । ଏକମାତ୍ର ରୋଜଗାରିଆ ପୁଅର ଅକାଳ ମୃତ୍ୟୁରେ ପରିବାର ଭାଙ୍ଗି ପଡିଥିବା ବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି । ସୂଚନା ଥାଉ କି, ଜିଲ୍ଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ର ରୂପ ଧାରଣ କରିଛି । ମାଳମାଳ ସରକାରୀ ଯୋଜନା ସତ୍ତ୍ୱେ ଏଠି ସରୁନି ଦାଦନ ଦୁଃଖ । ପେଟପାଟଣା ଆଶାରେ ଗରିବ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ସେଠାରେ ଅନେକଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ବି ଅନେକଙ୍କ ପତ୍ତା ମିଳୁନାହିଁ । ଗୋଟିଏ ମାସ ମଧ୍ୟରେ ୬ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଜିଲ୍ଲାକୁ ଫେରିଥିବା ବେଳେ ପୁଣି ଦୁଇ ଜଣଙ୍କ ଜୀବନ ଯାଇଛି ।